بِسْمِ اللّٰهِ الرَّحْمٰنِ الرَّحِيْمِ    نَحْمَدُهٗ وَنُصَلِّيْ عَلٰى رَسُوْلِهِ الْكَرِيْمِ    وَعَلٰى عَبْدِهِ الْمَسِيْحِ الْمَوْعُوْدِ

وَلَقَدْ نَصَرَكُمُ اللّٰهُ بِبَدْرٍ وَّاَنْتُمْ اَذِلَّةٌ

ଖଣ୍ଡ 7 | ସଂଖ୍ୟା 6

ସାପ୍ତାହିକ

# ବଦର

Weekly BADAR Qadian Odia

କାଦିଆନ

ବାର୍ଷିକ ଦେୟ: ୫୭୫/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

10 ଫେବୃଆରୀ 2022    10 ତବ୍ଲିଗ୍ 1401 ହି.ଶ    08 ରଜବ୍ 1443 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَمَنْ يَّعْمَلْ مِنَ الصّٰلِحٰتِ مِنْ ذَكَرٍ اَوْ اُنْثٰى وَهُوَ مُؤْمِنٌ فَاُولٰٓئِكَ يَدْخُلُوْنَ الْجَنَّةَ وَلَا يُظْلَمُوْنَ نَقِيْرًا (النساء:125)

ଅନୁବାଦ- ପୁରୁଷ ହେଉ ବା ନାରୀ, ଯେଉଁ ଲୋକମାନେ ବିଶ୍ୱାସକାରୀ ଥାଇ ପୂଣ୍ୟ କାର୍ଯ୍ୟ କରିବେ, ତେବେ ସେମାନେ ବୈକୁଣ୍ଠରେ ପ୍ରବେଶ କରିବେ ଏବଂ ସେମାନଙ୍କ ପ୍ରତି ଖଜୁରି ମଞ୍ଜିର ରନ୍ଧ୍ର ସଦୃଶ (ସାମାନ୍ୟ) ଅତ୍ୟାଚାର କରାଯିବ ନାହିଁ ।

*(ସୁରଃ- ଅଲ୍‌ଅନାମ୍:୧୨୫)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ:ବ]ଙ୍କ କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍ୱର[ଅ:ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ:ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ । ॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥**

**ଏବଂ ଯେଉଁ ମସିହ୍‌ଙ୍କୁ ଈଶ୍ୱର ବନା ଯାଉଛି ତାଙ୍କ ବିଷୟରେ ତ କିଛି କହନ୍ତୁ ହିଁ ନାହିଁ । ତାଙ୍କର ସାରା ଜୀବନ ଧରପକଡ଼ ଓ ଅନିଶ୍ଚିତତାରେ କଟିଛି । ଇବ୍‌ନେ ଆଦମ୍‌କୁ ମୁଣ୍ଡ ଗୁଞ୍ଜିବା ପାଇଁ ସ୍ଥାନ ହିଁ ମିଳିଲା ନାହିଁ । ନୈତିକତାର କୌଣସି ପ୍ରକୃଷ୍ଟ ଉଦାହରଣ ହିଁ ନାହିଁ । ତାଙ୍କର ଶିକ୍ଷା ଏତେ ଅସମ୍ପୂର୍ଣ୍ଣ ଏବଂ ଅସନ୍ତୋଷଜନକ ଯେ ତା ଉପରେ ପରିଚାଳିତ ହୋଇ ମଣିଷ ବହୁତ ତଳକୁ ଖସିଯାଇଥାଏ ।**

## ହଜରତ ମସିହ ମଉଦ[ଆ:ସ]ଙ୍କ ନୀତି ବାଣୀ

### ତ୍ରିଶ୍ୱରତା/ଦ୍ୱିତ୍ୱବାଦ

ଆମେ ବର୍ତମାନ ଅଗଣତି ଈଶ୍ୱରମାନଙ୍କ କଥାକୁ ଛାଡ଼ି ଦେଉଛୁ କାରଣ ଏହା ଏକ ବୃଥା ଓ ବ୍ୟର୍ଥ ବିଶ୍ୱାସ । ଅସଂଖ୍ୟ ଈଶ୍ୱରଙ୍କ ଉପରେ ବିଶ୍ୱାସ ଆଣିବା ଦ୍ୱାରା ଶାନ୍ତି ମିଳିନଥାଏ । ଏଠାରେ ଏବେ ମୁଁ ତିତ୍ୱବାଦ (Trinity) ବିଷୟରେ ଆଲୋଚନା କରିବି । ଯେମିତି କି ଆମେ ଏ ପ୍ରକୃତିର ନଜାରା (ଦୃଶ୍ୟପଟରୁ) ଏକଥା ପ୍ରମାଣ କରିସାରିଛୁ ଯେ ଈଶ୍ୱର ଏକ ଅଟନ୍ତି । ସେହିପରି ଯଦି ଈଶ୍ୱର ତିନିଜଣ ଥାଆନ୍ତି (ଏ କଥାରେ ମୁଁ ଈଶ୍ୱରଙ୍କ ଶରଣ ଭିକ୍ଷା କରୁଅଛି), ଯେମିତି କି ଖ୍ରୀଷ୍ଟିଆନ୍‌ମାନେ ଏହା କହିଥାନ୍ତି, ତା'ହେଲେ ଜଳ, ଅଗ୍ନି ଏବଂ ପୃଥିବୀ ଓ ଆକାଶରେ ଥିବା ସମସ୍ତ ଭୌତିକ ବସ୍ତୁ, ସମସ୍ତେ ତ୍ରିକୋଣୀୟ ହୋଇଥା'ନ୍ତେ ଯଦ୍ୱାରା ତାହା ସବୁ ତ୍ରୀତ୍ୱବାଦ (Trinity) ଉପରେ ସାକ୍ଷ୍ୟ ଦିଅନ୍ତେ । କିନ୍ତୁ ମଣିଷ ହୃଦୟର ଜ୍ୟୋତି କେବେ ବି ତ୍ରିଶ୍ୱରବାଦ (Trinity) ଉପରେ ସାକ୍ଷ୍ୟ ଦିଏ ନାହିଁ । ପାଦ୍ରୀମାନଙ୍କୁ ପଚରାଗଲା ଯେ ଯେଉଁ ସ୍ଥାନରେ ଇଞ୍ଜିଲ୍ ପହଂଚିନାହିଁ, ସେଠାରେ ତ୍ରିଶ୍ୱରବାଦ ଉପରେ ପ୍ରଶ୍ନ ପଚରା ଯିବ ବା ଏକେଶ୍ୱରବାଦ ଉପରେ ? ସେମାନେ ସ୍ପଷ୍ଟ ଭାବରେ ଏହା ସ୍ୱୀକାର କଲେ ଯେ ଏକେଶ୍ୱରବାଦ ଉପରେ ପ୍ରଶ୍ନ ପଚରା ଯିବ । ବରଂ ଡ଼ାକ୍ତର ଫଣ୍ଡର୍ ନିଜେ ତାଙ୍କ ସ୍ୱରଚିତ ପୁସ୍ତକରେ ଏକଥାକୁ ଲେଖି ସ୍ୱୀକାର କରିସାରିଛନ୍ତି । ଏବେ ଏପରି ସ୍ପଷ୍ଟ ସ୍ୱୀକାରୋକ୍ତି ଥିବା ସତ୍ୱେ ମଧ୍ୟ ମୁଁ ଏକଥା ବୁଝିପାରୁନାହିଁ ଯେ ତ୍ରିଶ୍ୱରବାଦ (Trinity)ର ଆସ୍ଥା/ବିଶ୍ୱାସ କାହିଁକି ଉପସ୍ଥାପିତ କରାଯାଉଅଛି ? ପୁଣି ଏହି ତ୍ରିକୋଣୀୟ ଈଶ୍ୱର ବି ଅଦ୍ଭୁତ ଈଶ୍ୱର । ପ୍ରତ୍ୟେକଙ୍କ କାର୍ଯ୍ୟ ପୃଥକ ପୃଥକ । ସତେ ଯେପରି ପ୍ରତ୍ୟେକ ଅଭାବି ଅସମ୍ପୂର୍ଣ୍ଣ ହେବା ସତ୍ୱେ ମଧ୍ୟ ଜଣେ ଅନ୍ୟ ଜଣଙ୍କୁ ସମ୍ପୂର୍ଣ୍ଣ କରୁଅଛି ।

### ଇସା ମସିହ୍‌ଙ୍କ ଈଶ୍ୱରତ୍ୱ

ଏବଂ ଯେଉଁ ମସିହ୍‌ଙ୍କୁ ଈଶ୍ୱର ବନା ଯାଉଛି ତାଙ୍କ ବିଷୟରେ ତ କିଛି କହନ୍ତୁ ହିଁ ନାହିଁ । ତାଙ୍କର ସାରା ଜୀବନ ଧରପକଡ଼ ଓ ଅନିଶ୍ଚିତତାରେ କଟିଛି । ଇବ୍‌ନେ ଆଦମ୍‌କୁ ମୁଣ୍ଡ ଗୁଞ୍ଜିବା ପାଇଁ ସ୍ଥାନ ହିଁ ମିଳିଲା ନାହିଁ । ନୈତିକତାର କୌଣସି ପ୍ରକୃଷ୍ଟ ଉଦାହରଣ ହିଁ ନାହିଁ । ତାଙ୍କର ଶିକ୍ଷା ଏତେ ଅସମ୍ପୂର୍ଣ୍ଣ ଏବଂ ଅସନ୍ତୋଷଜନକ ଯେ ତା ଉପରେ ପରିଚାଳିତ ହୋଇ ମଣିଷ ବହୁତ ତଳକୁ ଖସିଯାଇଥାଏ ।

ଏପରି ବ୍ୟକ୍ତି କାହାକୁ ବା କ୍ଷମତା ଓ ସମ୍ମାନ ଦେଇପାରିବ ଯିଏ ନିଜ ଅସହାୟତା ଯୋଗୁଁ ବିଳାପ ଓ କ୍ରନ୍ଦନ କରିଥାଏ ? ସେ ଅନ୍ୟମାନଙ୍କ ପ୍ରାର୍ଥନାକୁ କଣ ଶୁଣିପାରିବ ଯାହାର ସାରା ରାତିର କ୍ରନ୍ଦନ ଓ ବିଳାପ ହିଁ ବୃଥାରେ ଚାଲିଗଲା ଏବଂ ଚିତ୍କାର କରି **ଏଲି ଏଲି ମା ସବକ୍‌ତନି** (ଅର୍ଥାତ: ହେ ଈଶ୍ୱର ! ହେ ଈଶ୍ୱର ! ତୁମ୍ଭେ ମତେ କାହିଁକି ଏକାକୀ ଛାଡ଼ିଦେଲ ?) କହୁଥିଲେ ମଧ୍ୟ ତାଙ୍କର ପ୍ରାର୍ଥନା ଗ୍ରହଣୀୟ ହେଲାନାହିଁ । ପରିଶେଷରେ ତାଙ୍କ ଉପରେ ଏ ବିପତି ପଡ଼ିଲା ଯେ ଇହୁଦୀମାନେ ତାଙ୍କୁ ଧରି କ୍ରୁଶରେ ଲଟକାଇ ଦେଲେ ଓ ସେମାନଙ୍କ ବିଶ୍ୱାସ ଓ ପ୍ରଥା ଅନୁସାରେ ତାଙ୍କୁ ଅଭିଶପ୍ତ ଭାବରେ ଅଭିହିତ କଲେ । ଖୁଦ୍ ଖ୍ରୀଷ୍ଟିଆନ୍‌ମାନେ ବି ତାଙ୍କୁ ଅଭିଶାପିତ ଭାବରେ ମାନୁଛନ୍ତି କିନ୍ତୁ ଏକଥା କହୁଛନ୍ତି ଯେ ଆମ ପାଇଁ ସେ (ଅର୍ଥାତ ଯୀଶୁ) ଅଭିଶପ୍ତ ହୋଇଛନ୍ତି । ଯେବେ କି ଅଭିଶାପ ହେଉଛି ଏପରି ଏକ ଜିନିଷ ଯଦ୍ୱାରା ମଣିଷର ଅନ୍ତର ଦୂଷିତ (କଳା) ହୋଇଯାଏ ଓ ସେ ଈଶ୍ୱରଙ୍କଠାରୁ ଦୁରେଇ ଯାଏ ଓ ଈଶ୍ୱର ମଧ୍ୟ ତା'ଠାରୁ ଦୁରେଇ ଯାଆନ୍ତି । ଯେପରି ଈଶ୍ୱରଙ୍କ ସହିତ ତା'ର କୌଣସି ସମ୍ପର୍କ ହିଁ ନାହିଁ । ସେଥିପାଇଁ ସଇତାନ୍ ଅଭିଶପ୍ତ ଭାବରେ ଜଣାଶୁଣା । ଏବେ ସେହି ଅଭିଶାପକୁ ମାନି ଓ ମସିହ୍‌ଙ୍କୁ ଅଭିଶାପିତ ରୂପେ ଅଭିହିତ କରି ଖ୍ରୀଷ୍ଟିଆନ୍ ମାନଙ୍କ ନିକଟରେ ଆଉ କଣ ବାକି ରହିଲା । ସତ୍ୟ ହେଉଛି ଏହା କି **"ଲାନତ୍ ନାଲ୍ କଖ୍ ନେହିଁ ରହ୍‌ଦା"**(ଅର୍ଥାତ ଅଭିଶାପିତ ନିକଟରେ କିଛି ବି ରହେନାହିଁ) । ଗଳାରେ ଗୋଟିଏ ଢ଼ୋଲ ପଡ଼ିଛି, ଯାହାକୁ ଏମାନେ ବଜାଉଛନ୍ତି । ଅତଏବ ଏହି ଲୋକମାନଙ୍କ ବିଶ୍ୱାସ ଓ ଆସ୍ଥା ସମ୍ବନ୍ଧରେ ଜଣେ କଣ ବା କହିପାରିବ । ବାସ୍ତବିକତା ହେଉଛି ତାହା, ଯାହା ଇସ୍‌ଲାମ୍ ଘେନି ଆଣିଛି ଏବଂ ଖୁଦାତାଲା ମତେ ସୁଧାରକ ଭାବରେ ନିଯୁକ୍ତ କରିଛନ୍ତି । ଯେଉଁମାନେ ସତ୍ୟ ଜାଣିବାକୁ ଚାହୁଁଛନ୍ତି ମୁଁ ସେମାନଙ୍କୁ ଇସ୍‌ଲାମୀୟ ଜ୍ୟୋତି ଦ୍ୱାରା ଅଲୋକ ଦେଖାଇବି । ସତ୍ୟ ହେଉଛି ଏହା କି ଈଶ୍ୱର ଅଛନ୍ତି ଓ ସେ ଏକ ଅଟନ୍ତି । ମୋର ବିଶ୍ୱାସ ହେଉଛି ଏହା କି ଯଦି ଇଞ୍ଜିଲ, ପବିତ୍ର କୁର୍‌ଆନ୍ ଏବଂ ନବୀମାନଙ୍କ ଦ୍ୱାରା ଆସିଥିବା ସମସ୍ତ ଐଶିପୁସ୍ତକଗୁଡ଼ିକ

## ନବୀ ସ:ଆ:ସଙ୍କ ବାଣୀ

### ଲୋକମାନଙ୍କ ଉପରେ ଦୟା କରିବା

ହଜରତ ଅବ୍‌ଦୁଲ୍ଲାଃ ବିନ୍ ଉମର୍ ରଜିୟଲ୍ଲାହୁ ଅନ୍‌ହୁ ବର୍ଣ୍ଣନା କରିଛନ୍ତି ଯେ ରସୁଲୁଲ୍ଲାଃ ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମ୍ କହିଛନ୍ତି:- ଦୟା କରୁଥିବା ଲୋକମାନଙ୍କ ଉପରେ ଦୟାମୟ ଅଲ୍ଲାଃ ଦୟା କରିଥାନ୍ତି । ପୃଥିବୀବାସୀଙ୍କ ଉପରେ ଦୟା କର ଫଳତଃ ତୁମମାନଙ୍କ ଉପରେ ତାହାଙ୍କ ତରଫରୁ ଦୟା ଅବତୀର୍ଣ୍ଣ ହେବ ଯିଏ ସ୍ୱର୍ଗଠାରୁ ମଧ୍ୟ ଉର୍ଦ୍ଧ୍ୱରେ ଅଛନ୍ତି । ରହମ୍ (ଅର୍ଥାତ ମାଆର ଗର୍ଭ) ଶବ୍ଦଟି ଅର୍‌ରହ୍‌ମାନ୍ (ଅର୍ଥାତ ଦୟାମୟ ଈଶ୍ୱର)ଙ୍କ (ଗୁଣବାଚକ) ନାମରେ ନାମିତ । ଅତଏବ ଯିଏ ତାହା ସହିତ ଯୋଡ଼ିଥାଏ, ଅଲ୍ଲାଃ ତାକୁ ଯୋଡ଼ିଥାନ୍ତି ଏବଂ ଯିଏ ତା'ଠାରୁ ଅଲଗା କରିଥାଏ ଅଲ୍ଲାଃ ତାକୁ ଅଲଗା କରିଦେଇଥାନ୍ତି । ***(ଜାମେଅଲ୍ ତିର୍‌ମିଜ୍, କିତାବୁଲ୍ ବିର୍‌ର୍ ୱ ସିଲାହ୍ ଅନ୍ ରସୁଲିଲ୍ଲାଃ ସ:ଆ:ସ, ହଦିସ୍-୧୯୨୪)***

### ତୁମମାନଙ୍କ ମଧ୍ୟରେ ସର୍ବୋତମ ବ୍ୟକ୍ତି

ହଜରତ ଉସ୍‌ମାନ୍ ର:ଅ ବର୍ଣ୍ଣନା କରିଛନ୍ତି ଯେ ପବିତ୍ର ରସୁଲ୍ ସ୍ୱଲଲ୍ଲାହୁ ଆଲୈହେ ୱ ସଲ୍ଲମ୍ କହିଛନ୍ତି:- ତୁମମାନଙ୍କ ମଧ୍ୟରେ ସର୍ବୋତମ ବ୍ୟକ୍ତି ହେଉଛି ସେ ଯିଏ ପବିତ୍ର କୁର୍‌ଆନ୍ ପାଠ କରିଥାଏ ଓ ଲୋକମାନଙ୍କୁ ତାହା ଶିଖାଇଥାଏ । ***(ସହି ବୁଖାରୀ, କିତାବ୍ ଫଜାଇଲୁଲ୍ କୁର୍‌ଆନ୍ ହଦିସ୍ ନଂ-୫୦୨୭)***

### ଜ୍ଞାନ ଆହାରଣ କରିବାର ଶ୍ରେଷ୍ଠତା)

ଯଦି କୌଣସି ବ୍ୟକ୍ତି ଗୋଟିଏ ମାର୍ଗକୁ ଆପଣାଇ ଜ୍ଞାନ ଆହାରଣ କରିବାକୁ ଯାଉଛି, ତା'ହେଲେ ଅଲ୍ଲାଃ ତା' ପାଇଁ ସେହି ମାର୍ଗକୁ ବୈକୁଣ୍ଠ ପ୍ରାପ୍ତି କରିବା ନିମନ୍ତେ ସହଜ କରିଦିଏ । ***(ଜାମେ ତିର୍‌ମିଜି, କିତାବୁଲ୍ ଇଲମ୍...... ହଦିସ୍-୨୬୪୬)***

⌘⌘⌘⌘⌘⌘⌘⌘⌘⌘

ବି ଏ ସଂସାରରେ ନଥାନ୍ତେ ତା'ହେଲେ ମଧ୍ୟ ଅଲ୍ଲାଃ ତାଲାଙ୍କ ଏକେଶ୍ୱରବାଦ ପ୍ରମାଣସିଦ୍ଧ ଥିଲା । କାରଣ ତାହାର ଛାପ/ ନକ୍ସା ମାନବର ପ୍ରକୃତି ଭିତରେ ବିଦ୍ୟମାନ ରହିଛି ।

**ଈଶ୍ୱରଙ୍କ ପୁତ୍ର ଭାବରେ ମସିହ୍ (ଯୀଶୁ)**

ଈଶ୍ୱର ନିମନ୍ତେ ପୁତ୍ରର ପ୍ରସ୍ତାବ ଦେବା ଅର୍ଥାତ ଈଶ୍ୱରଙ୍କ ମୃତ୍ୟୁକୁ ବିଶ୍ୱାସ କରିବା । କାରଣ ପୁତ୍ରର ଉଦ୍ଦେଶ୍ୟ ହେଉଛି ସେ ପିତାଙ୍କ ପାଇଁ ସ୍ମୃତି ଭାବରେ ସେବା କରିବ । ଏବେ ଯଦି ମସିହ୍ (ଯୀଶୁ) ଈଶ୍ୱରଙ୍କ ପୁତ୍ର ତେବେ ପୁଣି ଏ ପ୍ରଶ୍ନ ଉଠିବ ଯେ କଣ ଈଶ୍ୱର ଏବେ ମରିବାକୁ ଯାଉଛନ୍ତି ? ତେଣୁ ସଂକ୍ଷିପ୍ତରେ ଏହା କୁହାଯାଇପାରେ ଯେ ଖ୍ରୀଷ୍ଟିଆନ୍‌ମାନେ ନିଜର ବିଶ୍ୱାସ/ଆସ୍ଥାରେ ନା ତ ଈଶ୍ୱରଙ୍କ ମହାନତାକୁ ଧ୍ୟାନ ଦେଇଛନ୍ତି ଓ ନା ମଣିଷର ଶକ୍ତି/ଅଧ୍ୟାପନା ପ୍ରତି ନ୍ୟାୟ ଦେଇଛନ୍ତି । ସେମାନେ ଏମିତି ଧାରଣାକୁ ଧରି ରଖିଛନ୍ତି ଯାହା ସ୍ୱର୍ଗୀୟ ଆଲୋକ ଦ୍ୱାରା ସମର୍ଥିତ ନୁହେଁ । ଜଣେ ହେଲେ ବି ଖ୍ରୀଷ୍ଟିଆନ୍ ଏପରି ନାହାନ୍ତି ଯିଏ ଐଶିଚମତ୍କାର ଦେଖାଇ ପାରୁଥିବ ଓ ନିଜର ବିଶ୍ୱାସ/ ଧାରଣାକୁ ସେହି ଐଶିଚିହ୍ନ ଦ୍ୱାରା ପ୍ରମାଣ କରିପାରୁଥିବ ଯାହା ମୋମିନ୍ (ଅର୍ଥାତ ବିଶ୍ୱାସକାରୀମାନଙ୍କ) ମଧ୍ୟରେ ରହିଛି । ଏପରି ଶ୍ରେଷ୍ଠତା ଓ ଗର୍ବ କେବଳ ଇସ୍‌ଲାମ୍ ନିକଟରେ ରହିଛି ଯେ ପ୍ରତ୍ୟେକ ଯୁଗରେ ତା ସହିତ ସମର୍ଥନ ଓ ସହଯୋଗର ଐଶି ନିଦର୍ଶନ ପ୍ରକାଶ ହୋଇଚାଲିଛି ଏବଂ ବର୍ତ୍ତମାନର ଯୁଗକୁ ମଧ୍ୟ ଈଶ୍ୱର ଛାଡ଼ି ନାହାନ୍ତି । ମତେ ସେହି ସବୁ ଉଦ୍ଦେଶ୍ୟ ସାଧନ ନିମନ୍ତେ ପ୍ରେରଣ କରାଯାଇଅଛି ଯେ ସେହି ସମସ୍ତ ଐଶି ନିଦର୍ଶନ, ଯାହା ହେଉଛି ଇସ୍‌ଲାମ୍‌ର ବିଶେଷ ଗୁଣ, ତାହା ଦ୍ୱାରା ମୁଁ ଏ ଯୁଗରେ ଇସ୍‌ଲାମ୍‌ର ସତ୍ୟତାକୁ ଦୁନିଆରେ ପ୍ରକାଶ କରିବି । ଏପରି ଲୋକଙ୍କୁ ଶୁଭେଚ୍ଛା ଯିଏ ସୁସ୍ଥ ହୃଦୟ ବହନ କରି ମୋ ନିକଟକୁ ଆସୁଅଛି ଏବଂ ଧନ୍ୟ ହେଉଛି ସେହି ବ୍ୟକ୍ତି ଯିଏ ସତ୍ୟକୁ ଦେଖିବା ପରେ ତାହାକୁ ଗ୍ରହଣ କରିଥାଏ । ***(ମଲ୍‌ଫୁଜାତ୍, ଖଣ୍ଡ-୧, ପୃ- ୩୦୧-୩୦୨ ମୁଦ୍ରିତ ୨୦୧୮, କାଦିୟାନ୍)***

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ସେତେବେଳେ ହଜରତ ଇବ୍‌ନେ ଅବ୍‌ବାସ୍ ର:ଅ ଆସି ହଜୁର ସ:ଆ:ସଙ୍କ ବାମପଟେ ଛିଡ଼ା ହୋଇଗଲେ ତେଣୁ ହଜୁର ସ:ଆ:ସ ତାଙ୍କ ମୁଣ୍ଡକୁ ଧରି ନିଜ ଡ଼ାହାଣପଟେ ଛିଡ଼ା କରାଇଦେଲେ ।

ହଜରତ ଇମାମ୍ ବୁଖାରୀ ତାଙ୍କ ଶିକ୍ଷକ ହମିଦିଙ୍କ ସମ୍ବନ୍ଧରେ ଗୋଟିଏ କଥନ ଦରଜ କରିଛନ୍ତି ଯେ, ହଜୁର ସ:ଆ:ସଙ୍କ ସର୍ବପ୍ରଥମ ଅଦେଶ ଏହା ଥିଲା ଯେ, ଯଦି ଇମାମ୍ ବସି କରି ନମାଜ ପଢ଼ନ୍ତି ତେବେ ମୁଖ୍‌ତଦିମାନେ ମଧ୍ୟ ବସିକି ହିଁ ନମାଜ ପଢ଼ିବେ । କିନ୍ତୁ ପରେ ହଜୁର ସ:ଆ:ସ ବସି ନମାଜ ପଢ଼ାଇଛନ୍ତି ଏବଂ ଆପଣ ସ:ଆ:ସଙ୍କ ଅନୁସରଣରେ ସାହାବାମାନେ ଛିଡ଼ା ହୋଇ ନମାଜ ପଢ଼ିଛନ୍ତି ଓ ଆପଣ ସ:ଆ:ସ ସାହାବାମାନଙ୍କୁ ବସିକି ନମାଜ ପଢ଼ିବା ପାଇଁ ଆଦେଶ ଦେଇନାହାନ୍ତି । ଯେହେତୁ ହଜୁର ସ:ଆ:ସଙ୍କ ଶେଷ କାର୍ଯ୍ୟକୁ ସନଦ୍ ଭାବେ ନିଆଯାଇଥାଏ ଏବଂ ହଜୁର ସ:ଆ:ସଙ୍କ ଶେଷ କାର୍ଯ୍ୟ ଏହା ଥିଲା ଯେ, ଯଦି ଇମାମ୍ ନିଜର କୌଣସି ଅସୁବିଧା ଯୋଗୁଁ ବସି କି ନମାଜ ପଢ଼ାଏ ତେବେ ମୁଖ୍‌ତଦିମାନେ ଛିଡ଼ା ହୋଇ ନମାଜ ପଢ଼ିବେ ।

ହଜରତ ମୁସ୍‌ଲେହ ମଉଦ୍ ର:ଅ ଏ ସମ୍ବନ୍ଧରେ କହିଛନ୍ତି: ''ଯେହେତୁ ମତେ ଗାଉଟ୍ ରୋଗ ଥିଲା ତେଣୁ ଖୁତ୍‌ବା ଜୁମା ମୁଁ ଛିଡ଼ା ହୋଇ ପଢ଼ାଇ ପାରୁନଥିଲି ସେହିଭଳି ଅନ୍ୟ ନମାଜ ମଧ୍ୟ ଛିଡ଼ା ହୋଇ ପଢ଼ାଇ ପାରୁନଥିଲି । ରସୁଲେ କରିମ୍ ସ:ଆ:ସଙ୍କର ପ୍ରାରମ୍ଭରେ ଏ ଆଦେଶ ଥିଲା ଯେ, ଯେତେବେଳେ ଇମାମ୍ ବସି କି ନମାଜ ପଢ଼ାଇବେ ସେତେବେଳେ ମୁଖ୍‌ତଦି ମଧ୍ୟ ବସିକି ନମାଜ ପଢ଼ନ୍ତୁ କିନ୍ତୁ ପରେ ଖୁଦାତାଲାଙ୍କ ଆଦେଶ ଅନ୍ତର୍ଗତ ଆପଣ ସ:ଆ:ସ ସେହି ପ୍ରାରମ୍ଭିକ ନିର୍ଦ୍ଦେଶ କୁ ବଦଳାଇ ଦେଇ କହିଲେ ଯେ, ଯଦି ଇମାମ୍ କୌଣସି ଅସୁବିଧା ଯୋଗୁଁ ବସିକି ନମାଜ ପଢ଼ାଇବେ ତେବେ ମୁଖ୍‌ତଦି ବସିକି ନ ପଢ଼ନ୍ତୁ ବରଂ ଛିଡ଼ା ହୋଇ ହିଁ ନମାଜ ପଢ଼ନ୍ତୁ । ଅତଏବ ଯେହେତୁ ମୁଁ ଛିଡ଼ା ହୋଇ ନମାଜ ପଢ଼ାଇ ପାରୁନାହିଁ ତେଣୁ ମୁଁ ବସି କି ନମାଜ ପଢ଼ାଇବି ଓ ସମସ୍ତେ ଛିଡ଼ା ହୋଇ ନମାଜ ପଢ଼ନ୍ତୁ ।''

***(ରୋଜ୍ ନାମା ଅଲ୍‌ଫଜଲ୍ ଲାହୋର୍ ୩ ଜୁଲାଇ ୧୯୫୧, ପୃ-୩)***

ସୁତରାଂ ଯଦି ଇମାମ୍ ନିଜର କୌଣସି ଅସୁବିଧା ଓ ବିବଶତା ଯୋଗୁଁ ବସିକି ନମାଜ ପଢ଼ାନ୍ତି ତେବେ ମୁଖ୍‌ତଦି ଛିଡ଼ା ହୋଇ ନମାଜ ପଢ଼ିବେ ।

**ପ୍ରଶ୍ନ-** ଜଣେ ବନ୍ଧୁ ହଜୁର ଅନଓ୍ୱର ଅ:ବ:ଅଙ୍କ ଗୋଚରେ ଲେଖି ଜଣାଇଲେ ଯେ, ହଜରତ ସୟଦ୍ ଜୈନୁଲ୍ ଆବେଦିନ୍ ଓ୍ୱଲିଉଲ୍ଲାଃ ସାହ୍ ସାହେବ୍ ସହି ବୁଖାରୀର ବାଖ୍ୟାରେ ମହିଳାମାନଙ୍କୁ ପୁରୁଷମାନଙ୍କ ସଦୃଶ ସାମୁହିକ ନମାଜ ପାଠ ନିମନ୍ତେ ମସ୍‌ଜିଦ୍‌ରେ ଆସି ନମାଜ ପଢ଼ିବା ପାଇଁ ଜରୁରୀ ମଣିଛନ୍ତି । ତେଣୁ ହଜୁର ଆପଣ ମଧ୍ୟ ମହିଳାମାନଙ୍କୁ ଏଥିପ୍ରତି ଧ୍ୟାନ ଆକର୍ଷଣ କରାନ୍ତୁ । ଏଥିରେ ହଜୁର ଅନଓ୍ୱର ଅ:ବ:ଅ ନିଜର ଚିଠି ଲିଖିତ ୨୫ ନଭେମ୍ବର ୨୦୧୮ରେ ନିମ୍ନଲିଖିତ ଉତର ପ୍ରଦାନ କରିଥିଲେ ।

**ଉତର:-** ହଜରତ ସୟଦ୍ ଜୈନୁଲ୍ ଆବେଦିନ୍ ଓ୍ୱଲିଉଲ୍ଲାଃ ସାହ୍ ସାହେବ ର:ଅ ନିଜର ଶରହ ଅର୍ଥାତ ସୁରାଃ ଅହ୍‌ଜାବ୍‌ର ଆୟତ ଓ୍ୱ ଅକିମ୍‌ନସ୍ ସଲାତାର ବ୍ୟାଖ୍ୟା କରି ମହିଳାମାନଙ୍କୁ ମସ୍‌ଜିଦ୍‌ରେ ଆସି ସାମୁହିକ ଭାବେ ନମାଜ ପଢ଼ିବା ପାଇଁ ଯେଉଁ ଦଲିଲ୍ ପେଶ୍ କରିଛନ୍ତି ତାହା ହେଉଛି ତାଙ୍କର ନିଜସ୍ୱ ବ୍ୟାଖ୍ୟା କିନ୍ତୁ ଇସ୍‌ଲାମ୍‌ର ୧୪୦୦ ବର୍ଷ କାର୍ଯ୍ୟଧାରା, ନବୀ କରିମ୍ ସ:ଆ:ସଙ୍କ ହଦିସ୍, ହଜରତ ମସିହ୍ ମଉଦ୍ ଆ:ସଙ୍କ ଲେଖା ଏବଂ ଜମାତ୍ ଅହେମଦୀୟାର ଖଲିଫାମାନଙ୍କର ବ୍ୟାଖ୍ୟା ବିରୋଧି ହୋଇଥିବା ଯୋଗୁଁ ହଜରତ ସୟଦ୍ ଜୈନୁଲ୍ ଆବେଦିନ୍ ଓ୍ୱଲିଉଲ୍ଲାଃ ସାହ୍ ସାହେବଙ୍କର ବ୍ୟାଖ୍ୟା ଠିକ୍ ନୁହେଁ ।

ଏଥିରେ କୌଣସି ସନ୍ଦେହ ନାହିଁ ଯେ, ହଜରତ ମସିହ୍ ମଉଦ୍ ଆ:ସ ଏବଂ ହଜରତ ମୁସ୍‌ଲେହ ମଉଦ୍ ର:ଅ ନମାଜକୁ କାଏମ୍ କରିବା ପ୍ରସଙ୍ଗରେ ବିଭିନ୍ନ ବ୍ୟାଖ୍ୟା ବର୍ଣ୍ଣନା କରିଛନ୍ତି ସେଥି ମଧ୍ୟରେ ମସ୍‌ଜିଦ୍‌ରେ ଯାଇ ପାଂଚବେଳା ଉପସ୍ଥିତ ହୋଇ ବାଜମାତ୍ ନମାଜ (ଅର୍ଥାତ ସାମୁହିକ ଭାବେ ନମାଜ) ପାଠ କରିବା ମଧ୍ୟ ସାମିଲ ରହିଛି କିନ୍ତୁ ଏହି ବ୍ୟାଖ୍ୟା କେବଳ ପୁରୁଷମାନଙ୍କ ପାଇଁ ଉଦ୍ଦିଷ୍ଟ । ମହିଳାମାନଙ୍କ ନିମନ୍ତେ ନମାଜ ସ୍ଥାପନ କରିବାର ଅର୍ଥ ହେଉଛି ନିଜ ଘର ଭିତରେ ରହି ଧାର୍ଯ୍ୟ ସମୟ ଅନୁସାରେ ପାଂଚବେଳା ନମାଜକୁ ପୂର୍ଣ୍ଣ ସର୍ତ ଅନୁସାରେ ପାଠ କରିବା । କିନ୍ତୁ ଯଦି କୌଣସି ମହିଳା ମସ୍‌ଜିଦ୍‌ରେ ଯାଇ ନମାଜ ପଢ଼ିବାକୁ ଚାହେଁ ତାହା ହେଲେ ଇସ୍‌ଲାମ୍ ତାକୁ ମନା ମଧ୍ୟ କରିନାହିଁ । ଉଦାହରଣ ସ୍ୱରୁପ ନବୀ କରିମ ସ:ଆ:ସଙ୍କ ସମୟରେ ମହିଳାମାନେ ମଧ୍ୟ ମସ୍‌ଜିଦ୍‌ରେ ଆସି ନମାଜ ପାଠ କରୁଥିଲେ । କିନ୍ତୁ ହଜୁର ସ:ଆ:ସ ମହିଳାମାନଙ୍କ ପାଇଁ ଅଧିକନ୍ତୁ ଏ କଥା ପସନ୍ଦ କରିଛନ୍ତି ଯେ, ସେମାନେ ନିଜ ଘରେ ରହି ପାଂଚବେଳା ନମାଜ ପାଠ କରନ୍ତୁ । ସୁତରାଂ ହଜରତ ଅବ୍‌ଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ବର୍ଣ୍ଣନା କରିଛନ୍ତି ଯେ, ହଜୁର ସ:ଆ:ସ କହିଲେ, **ସଲାତୁଲ୍ ମର୍‌ଅତି ସି ବଇତିହା ଅସ୍‌ଦଲୁ ମିନ୍ ସଲାତିହା ସି ହୁଜରତିହା ଓ୍ୱ ସଲାତୁହା ସି ମଖ୍‌ଦଇହା ଅସ୍‌ଦଲୁ ମିନ୍ ସଲାତିହା ସି ବଇତିହା ।** (ସୁନନେ ଅବି ଦାଉଦ୍, କିତାବୁସ୍ ସଲାତ୍) । ଅର୍ଥାତ ମହିଳାମାନଙ୍କର ନମାଜ ନିଜ କୋଠରୀରେ ପାଠ କରିବା ହେଉଛି ଘର ଭିତରେ ନମାଜ ପଢ଼ିବା ଉତମ ସେହିଭଳି କୋଠରୀ ଭିତରେ ଥିବା ଛୋଟିଆ ସ୍ଥାନରେ ନମାଜ ପଢ଼ିବା କୋଠରୀଠାରୁ ମଧ୍ୟ ଉତମ ।

ସେହିଭଳି ଆଉ ଏକ ରିଓ୍ୱାୟତ୍‌ରେ ଉମ୍ମୁଲ୍ ମୁମିନିନ୍ ହଜରତ ଆଇଶା ର:ଅ କହିଛନ୍ତି: **ନୌ ଅଦ୍‌ରକା ରସୁଲୁଲ୍ଲାହି......... ନିସାଉ ବନି ଇସ୍‌ରାଇଲ୍** (ସହି ବୁଖାରୀ କିତାବୁଲ୍ ଅଜାନ୍) ଅର୍ଥାତ ଯଦି ନବୀ କରିମ୍ ସ:ଆ:ସଙ୍କ ସମ୍ମୁଖରେ ଏପରି ପରିସ୍ଥିତି ଥାଆନ୍ତା ଯେଉଁ ପରିସ୍ଥିତିକୁ ମହିଳାମାନେ ଏବେ ସୃଷ୍ଟି କରିଦେଇଛନ୍ତି ତେବେ ମହାଭାଗ ସ:ଆ:ସ ମହିଳାମାନଙ୍କୁ ମସ୍‌ଜିଦ୍ ଆସିବା ପାଇଁ ନିଶ୍ଚିତ ରୂପେ ରୋକି ଦେଇଥାନ୍ତେ ଯେଉଁ ଭଳି ବନି ଇସ୍ରାଇଲ୍‌ର ମହିଳାମାନଙ୍କୁ ରୋକି ଦିଆଯାଇଥିଲା ଅତଏବ ଆହାଦିସ୍‌ଗୁଡ଼ିକରୁ ଏହା ପ୍ରମାଣ ହେଉଛି ଯେ, ମହିଳାମାନଙ୍କ ପାଇଁ ଘରେ ନମାଜ ପଢ଼ିବା ଅଧିକ ଶ୍ରେୟସ୍କର ବରଂ ଏ କଥା ମଧ୍ୟ ବର୍ଣ୍ଣିତ ଅଛି ଯେ, ଘର ଭିତରେ ମଧ୍ୟ ଅଗଣା ଓ ଖୋଲା ସ୍ଥାନରେ, ଯେଉଁଠି ଲୋକମାନଙ୍କର ଯିବା ଆସିବା ରହିଥାଏ, ସେଠାରେ ନମାଜ ନ ପଢ଼ନ୍ତୁ । ଅର୍ଥାତ ଅଗଣାରେ ନମାଜ ପଢ଼ିବା ଅପେକ୍ଷା ମହିଳାମାନେ ନିଜ କୋଠରୀ ଭିତରେ ହିଁ ନମାଜ ପଢ଼ିବା ଉତମ । ***(ଅଖ୍‌ବାର୍ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ୫ ଫେବୃୟାରୀ ୨୦୨୧ଙ୍କୁ ଧନ୍ୟବାଦ)***

⌘⌘⌘⌘⌘⌘⌘⌘⌘⌘

## ଜରୁରୀ ଘୋଷଣା

### ହଜୁର ଅନଓ୍ୱର ଆପଣମାନଙ୍କ ଚିଠି ଦେଖୁଛନ୍ତି ଓ ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି ।

ଯେଉଁମାନେ ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦୁହୁଲ୍ଲାହୁ ତାଲାଙ୍କ ପବିତ୍ର ଗୋଚରେ ଚିଠି ଲେଖୁଛନ୍ତି ସେହି ସମସ୍ତ ପୁରୁଷ ଓ ମହିଳାମାନଙ୍କୁ ଜଣାଇ ଦିଆଯାଉଅଛି ଯେ:-

ସେମାନଙ୍କର ସମସ୍ତ ଚିଠି ନିତ୍ୟାନୁସାରେ ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲାଙ୍କ ଗୋଚରେ ପେଶ୍ କରାଯାଉଅଛି । ଯଦିଚ କରୋନା ଭାଇରସ ଯୋଗୁଁ ଆଜିକାଲି ଯେଉଁ ପରିସ୍ଥିତି ଉପୁଜିଛି, ସେଥିଯୋଗୁଁ ଚିଠିର ଉତର ଲେଖୁଥିବା ସଦସ୍ୟମାନଙ୍କ ସଂଖ୍ୟା କମ୍ କରିଦିଆ ଯାଇଅଛି ତେଣୁ ସେହି ସମସ୍ତ ଚିଠିର ଗୋଟି ଗୋଟି କରି ଉତର ପଠାଇବା ସମ୍ଭବ ନୁହେଁ । ହଜୁର ଅନଓ୍ୱର ଅୟଦହୁଲ୍ଲାହୁ ତାଲା ଆପଣମାନଙ୍କ ଚିଠି ପଢ଼ି ଆପଣମାନଙ୍କ ପାଇଁ ଦୁଆ କରୁଛନ୍ତି । ଅଲ୍ଲାଃ ତାଲା କୃପା ଓ ଦୟା କରନ୍ତୁ, ଏହି ମହାମାରୀ ଏବଂ ଅନ୍ୟାନ୍ୟ ସମସ୍ତ ବିପଦ ଆପଦରୁ ପ୍ରତ୍ୟେକଙ୍କୁ ବଂଚାନ୍ତୁ । ସମସ୍ତଙ୍କୁ ନିଜ ସୁରକ୍ଷା ବଳୟ ଭିତରେ ରଖନ୍ତୁ ଏବଂ ସର୍ବଦା ତାହାଙ୍କ ପ୍ରେମପୂର୍ଣ୍ଣ ଦୃଷ୍ଟି ଆପଣମାନଙ୍କ ଉପରେ ପଡୁଥାଉ ।

*(ମୁନିର୍ ଅହ୍‌ମଦ୍ ଜାଓ୍ୱେଦ୍, ପ୍ରାଇଭେଟ୍ ସେକ୍ରେଟାରୀ)*

# : ଖୁତ୍‌ବା ଜୁମା :

**ହେ ମକ୍କା ! ତୁ ଈଶ୍ୱରଙ୍କ ଭୂମିଖଣ୍ଡ ଉପରେ ମତେ ସବୁଠାରୁ ପ୍ରୀୟ ଏବଂ ତୁ ଈଶ୍ୱରଙ୍କ ଭୂଖଣ୍ଡ ମଧ୍ୟରେ ଈଶ୍ୱରଙ୍କର ମଧ୍ୟ ସବୁଠାରୁ ପ୍ରୀୟତମ ସ୍ଥାନ । ଯଦି ତୁମର ଅଧିବାସୀମାନେ ମତେ ଜୋର ଜବରଦସ୍ତି ଏବଂ ବଳ ପ୍ରୟୋଗ କରି ବାହାର କରିନଥାନ୍ତେ ତା'ହେଲେ ମୁଁ କେବେ ବି ବାହାରିନଥାନ୍ତି । (ହଦିସ୍)**

**ହଜରତ ମୁହମ୍ମଦ ସ:ଆ:ସଙ୍କ ମହାନ୍ ପଦମର୍ଯ୍ୟାଦା ସମ୍ପନ୍ନ ଖଲିଫା ରାଶିଦ୍ ସିଦ୍ଦିକେ ଅକ୍‌ବର୍ ହଜରତ୍ ଅବୁ ବକର୍ ସିଦ୍ଦିକ୍ ର:ଅଙ୍କ ସିଦ୍ଧତା ଏବଂ ଉଚ୍ଚ ପ୍ରଶଂସା**

**ହଜରତ ଅବୁବକର ର:ଅ କୌଣସି ପଚରା ଉଚୁରା ନ କରି ତତ୍‌କ୍ଷଣାତ୍ ନିବେଦନ କଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! କଣ ମୁଁ ଆପଣଙ୍କ ସହିତ ? ଅର୍ଥାତ ମୁଁ ଆପଣ ସ:ଆ:ସଙ୍କ ସହିତ ଏହି ଯାତ୍ରାରେ ରହିବି ? ଏଥିରେ ମହାଭାଗ ସ:ଆ:ସ କହିଲେ: ହଁ**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍: ୨୪ ଡ଼ିସେମ୍ବର ୨୦୨୧ ଅନୁଯାୟୀ ୨୪ ଫତହ୍ ୧୪୦୦ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيمِ - بِسْمِ اللّٰهِ الرَّحْمٰنِ الرَّحِيمِ -
اَلْحَمْدُ لِلّٰهِ رَبِّ الْعٰلَمِيْنَ - الرَّحْمٰنِ الرَّحِيْمِ - مٰلِكِ يَوْمِ الدِّيْنِ - إِيَّاكَ نَعْبُدُ وَإِيَّاكَ نَسْتَعِيْنُ -
اِهْدِنَا الصِّرَاطَ الْمُسْتَقِيْمَ - صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ -

ହଜରତ ଅବୁବକର ସିଦ୍ଦିକ୍ ର:ଅଙ୍କର ଜୀବନୀ ଚର୍ଚ୍ଚା ଚାଲିଥିଲା । ବୟତେ ଅକ୍‌ବା ସାନିୟା ସମ୍ବନ୍ଧରେ ଉଲ୍ଲେଖ ଅଛି ଯେ ବୟତେ ଅକ୍‌ବା ସାନିୟା (ଦ୍ୱିତୀୟ) ଅବସରରେ ନବୀ କରିମ୍ ସ:ଆ:ସଙ୍କ ସହିତ ହଜରତ ଅବୁ ବକର୍ ର:ଅ, ହଜରତ ଅଲୀ ର:ଅ ଏବଂ ନବୀ କରିମ୍ ସ:ଆ:ସଙ୍କ ଚାଚା ହଜରତ ଅବ୍‌ବାସ୍ ର:ଅ ଥିଲେ । ହଜରତ ଅବ୍‌ବାସ୍ ଯିଏ ଏହି ସଭାର ଆୟୋଜକ ଥିଲେ, ସେ ହଜରତ ଅଲୀ ର:ଅଙ୍କୁ ଗୋଟିଏ ଘାଟି ଉପରେ ପହରା ଦେବା ପାଇଁ ନିୟୋଜିତ କରିଥିଲେ ଏବଂ ଆଉ ଏକ ଘାଟିରେ ହଜରତ ଅବୁ ବକର୍ ର:ଅଙ୍କୁ ପହରା ଓ ସୁରକ୍ଷା ନିମନ୍ତେ ଛିଡ଼ା କରିଥିଲେ । ***(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୨, ପୃ-୨୧........ ଦାରୁଲ୍ କୁତ୍‌ବୁଲ୍ ଅଲ୍‌ମିୟା ବେରୁତ୍ ୨୦୦୨)***

ହଜରତ ମୁହମ୍ମଦ ମୁସ୍ତଫା ସ:ଆ:ସଙ୍କ ମଦିନା ପ୍ରବାସ କରିବା ସମୟରେ ହଜରତ ଅବୁବକର ସିଦ୍ଦିକ ର:ଅ ମଧ୍ୟ ସାଥିରେ ଥିଲେ । ମକ୍କାରେ ବାସ କରୁଥିବା ମୁସଲମାନମାନଙ୍କ ଉପରେ ଯେତେବେଳେ ଅମାନ୍ୟକାରୀଙ୍କ ଅନ୍ୟାୟ ଅତ୍ୟାଚାର ସୀମାଲଙ୍ଘନ କରିଗଲା, ସେତେବେଳେ ହଜୁର ସ:ଆ:ସଙ୍କୁ ଗୋଟିଏ ସ୍ୱପ୍ନ ଦେଖାଇ ଦିଆଗଲା । ସେହି ସ୍ୱପ୍ନରେ ଦୁଇଜଣ ମୁସଲମାନଙ୍କୁ ସେହି ସ୍ଥାନ ଦେଖାଇ ଦିଆଗଲା ଯେଉଁ ଆଡ଼କୁ ମହାଭାଗ ସ:ଆ:ସ ହିଜ୍‌ରତ୍ (ପ୍ରବାସ) କରିବାର ଥିଲା । ସେହି ସ୍ଥାନଟି ଚାଷ ଅନୁପଯୁକ୍ତ ଜମି ଥିଲା ଓ ଖଜୁରୀ ଗଛ ଦ୍ୱାରା ଆଚ୍ଛାଦିତ ଥିଲା । କିନ୍ତୁ ସେହି ସ୍ଥାନର ନାମ ଦେଖାଇ ଦିଆଯାଇନଥିଲା ନା ବତାଯାଇଥିଲା କିନ୍ତୁ । ତାହାର ଭୌଗୋଳିକ ସ୍ଥିତି ଓ ନକ୍ସା ଦେଖି ହଜୁର ସ:ଆ:ସ ଅନୁମାନ କଲେ ଯେ ଯେଉଁ ସ୍ଥାନକୁ ପ୍ରବାସ କରି ଯିବାର ସଙ୍କେତ ମିଳୁଛି ସମ୍ଭବତଃ ତାହା ହଜର୍ ତଥା ୟମାମା ଅଂଚଳ ହୋଇଥିବ ଉଦାହରଣ ସ୍ୱରୁପ ସହି ବୁଖାରୀର ଗୋଟିଏ ରିୱାୟତ୍‌ରେ ଉଲ୍ଲେଖ ରହିଛି ଯେ ମହାଭାଗ ସ:ଆ:ସ କହିଥିଲେ:- **ଫଜହବା ୱହଲି ଇଲା ଅନ୍ନଇଲ୍ ୟମାମତୁ ଅୱିଲ୍ ହଜରୁ, ଫଇଜା ହିୟଲ୍ ମଦିନତୁ ୟସ୍‌ରିବୁ (ସହି ବୁଖାରୀ କିତାବୁଲ୍ ମନାକିବ୍.... ରିୱାୟତ୍ ନଂ-୩୬୨୨)** ଅର୍ଥାତ:- ମୋ ଖିଆଲ/ଭାବନା ସେପଟକୁ ଗଲା ଯେ ଏ ସେହି ସ୍ଥାନଟି ୟମାମା ବା ହଜର୍ ହୋଇଥିବ କିନ୍ତୁ ମୁଁ କଣ ଦେଖୁଛି ଯେ ତାହା ତ ୟସ୍‌ରବ୍ ସହର ଅଟେ । ୟମାମା ମଧ୍ୟ ୟମନ୍‌ର ଗୋଟିଏ ପ୍ରଶିଦ୍ଧ ସହର ଅଟେ । ***(ଫରହଙ୍ଗ ସିରତ୍, ପୃ-୩୨୧, ଜୱାର ଏକାଡ଼େମି ପବ୍ଲିକେଶନ୍ସ ଉର୍ଦ୍ଦୁ ବାଜାର୍ କରାଚି ୨୦୦୩)***

ଏବଂ ହଜର୍ ନାମକ ଅନେକ ବସ୍ତି ଓ ବହ୍‌ରୈନ୍‌ର ଗୋଟିଏ ଅଂଶ ମଧ୍ୟ ହଜ୍‌ର ବୋଲାଉଥିଲା । ***(ମୁଅଯମୁଲ୍ ବୁଲ୍‌ଦାନ୍, ଖଣ୍ଡ-୫, ପୃ-୪୫୨...... ବେରୁତ)*** ।

କିନ୍ତୁ କିଛି ଅବଧି ପରେ ଯେତେବେଳେ ମଦିନାର ନିଷ୍କପଟ ଅନସାରମାନେ ଇସଲାମ ଧର୍ମରେ ଦୀକ୍ଷିତ ହେବା ଆରମ୍ଭ କଲେ ଏବଂ ପ୍ରଭୁଙ୍କ ଐଶୀ ସଙ୍କେତ ଆପଣଙ୍କ ଉପରେ ପ୍ରକାଶ୍ୟ କଲା ଯେ ତାହା ୟସରବ୍‌ର ପବିତ୍ର ଭୂମି ଥିଲା । ଯାହାକି ପରବର୍ତ୍ତୀ ସମୟରେ ମଦିନା ନାମରେ ପ୍ରସିଦ୍ଧି ଅର୍ଜନ କରିଥିଲା ।

ହଜରତ ମସିହ୍ ମଉଦ୍ ଆ:ସ ନବୀ କରିମ୍ ସ:ଆ:ସଙ୍କ ସେହି ଅନୁମାନ ବିଷୟରେ ଚର୍ଚ୍ଚା କରି କହିଛନ୍ତି:- "ସେହି ହଦିସ୍ ଯାହାର ବାକ୍ୟଟି ଏପରି ଥିଲା, **ଫଜହବା ୱହଲି........ ମଦିନତୁ ୟସ୍‌ରିବୁ ।** ଏହା ସ୍ପଷ୍ଟ ଭାବରେ ପ୍ରକାଶ କରୁଅଛି ଯେ ଯାହା କିଛି ଆଁ ହଜରତ ସ:ଆ:ସ ନିଜର ଅନୁମାନ ଦ୍ୱାରା ଭବିଷ୍ୟବାଣୀ କରାଯାଇଥିବା ସ୍ଥାନ ଭାବରେ ବର୍ଣ୍ଣନା କରିଥିଲେ, ତାହା ଭୁଲ ହେଲା ।" ***(ଅଜାଲାଏ ଅଓହାମ୍, ରୁହାନୀ ଖଜାଇନ୍, ଖଣ୍ଡ-୩, ପୃ-୩୫୮-୪୭୨)*** ହଜୁର ସ:ଆ:ସଙ୍କ ଅନୁମତିକ୍ରମେ ମକ୍କାର ମୁସଲମାନମାନେ ମଦିନା ଆଡ଼କୁ ପ୍ରବାସ କରିବା ଆରମ୍ଭ କରିଦେଲେ । କିନ୍ତୁ ବୈଅତେ ଅକ୍‌ବା ସାନିୟା ପରେ ଏହି ହିଜ୍‌ରତ୍ ଅର୍ଥାତ ପ୍ରବାସ ଖୁବ୍ ତୀବ୍ରତର ରୂପ ଧାରଣ କରିଥିଲା । ଏପରି ପରିସ୍ଥିତି ହୋଇଗଲା ଯେ ଘର ସବୁ ଖାଲି ହୋଇଗଲା ଓ ସାହି ସାହି ଖାଲି ହୋଇଗଲା । ଯଦ୍ୱାରା ମକ୍କାର ସରଦାରମାନେ କ୍ରୋଧରେ ଜର୍ଜରିତ ହୋଇ ବାକି ରହି ଯାଇଥିବା ମୁସଲମାନମାନଙ୍କ ଉପରେ ପ୍ରତିଦିନ ଅଭିନବ ଉପାୟରେ ଅତ୍ୟାଚାର କରୁଥିଲେ । କେବେ ସ୍ୱାମୀଙ୍କୁ ତ ଯିବାକୁ ଦେଲେ କିନ୍ତୁ ସେମାନଙ୍କ ସ୍ତ୍ରୀ ପିଲାଙ୍କୁ ତାଙ୍କଠାରୁ ଛଡ଼ାଇ ନେଲେ । କେବେ କାହାର ଧନସମ୍ପତି, ଓ ଆସବାବ ପତ୍ରଗୁଡ଼ିକୁ ଏହି ଆଳରେ ନେଇଗଲେ ଯେ ଏ ସବୁକୁ ତୁମେ ତ ଆମ ମକ୍କା ସହରରେ ହିଁ କମେଇଥିଲ । ତେଣୁ ଯଦି ତୁମେମାନେ ଆମ ସହରକୁ ଛାଡ଼ି ଯିବାକୁ ଚାହୁଁଅଛ ତା'ହେଲେ ଏ ସମସ୍ତ ଧନସମ୍ପତି ଆମକୁ ଦେଇ ଚାଲିଯାଅ । କେବେ ମାଆର ମମତାକୁ ଅସ୍ତ୍ର କରି ରୋକି ଦେଲେ ଯେ ନିଜ ମାଆଙ୍କ ସହିତ ସାକ୍ଷାତ କରିଯାଅ ପୁଣି ରାସ୍ତାରେ ରୋକି, ରସିରେ ବାନ୍ଧି ନେଇ କୋଠରୀ ମଧ୍ୟରେ ପକାଇ ଦେଲେ ***(ସୁବୁଲୁଲ୍ ହୁଦା ...... ଖଣ୍ଡ-୩, ପୃ-୨୨୪-୨୨୭..... ବେରୁତ ୧୯୯୩)*** କିନ୍ତୁ ଧୈର୍ଯ୍ୟ ଓ କୃତଜ୍ଞତାର ମଙ୍ଗ ଧରିଥିବା ପୁଣ୍ୟବାନ ମୁସଲମାନମାନେ, ଯେ ପ୍ରବାସ କରିବାକୁ ସକ୍ଷମ ଥିଲେ ସେମାନେ ମଦିନା ପ୍ରବାସ କରି ଯାଉଥିଲେ ସେ ଯାହା ହେଉ ନା କାହିଁକି ଯେଉଁ ମୁସଲମାନମାନଙ୍କର ସାମର୍ଥ୍ୟ ଥିଲା ଓ ପ୍ରବାସ କରିବାକୁ ସମର୍ଥ ଥିଲା ସେମାନେ ହିଜ୍‌ରତ୍ କରିଗଲେ । ଏବେ କିଛି ଅତି ଦୃବଳ ଶ୍ରେଣୀର ଓ ଅସହାୟ ମୁସଲମାନମାନେ ପଛରେ ରହିଯାଇଥିଲେ, ସେମାନଙ୍କ ସମ୍ବନ୍ଧରେ ଅଲ୍ଲାଃ ତାଲା ଏପରି କହିଛନ୍ତି:- **ଇଲ୍ଲଲ୍ ମୁସ୍‌ତଜ୍ ଅଫିନା ମିନର୍ ରିଜାଲି ୱନ୍ ନିସାଇ ୱଲ୍‌ୱିଲ୍‌ଦାନି ଲା ୟସ୍ତତତିଉନା ହିଲତନ୍ ୱ ଲା ୟହ୍‌ତଦୁନା ସବିଲା (ଅଲ୍ ନିସା:୯୯)** ଅର୍ଥାତ- ଅବଶ୍ୟ ସେହି ଲୋକମାନେ ଯେଉଁମାନେ ପୁରୁଷ, ନାରୀ ଓ ଶିଶୁମାନଙ୍କ ମଧ୍ୟରୁ ବସ୍ତୁତଃ ଦୁର୍ବଳ ଥିଲେ (ଓ) ସେମାନେ କୌଣସି ଉପାୟ ଅବଲମ୍ବନ କରିବାକୁ ସକ୍ଷମ ନଥିଲେ ଓ ସେମାନଙ୍କୁ କୌଣସି ପଥ ଦେଖାଯାଉନଥିଲା ।

ଏତଦ୍ ବ୍ୟତୀତ କି ହଜୁର[ସ.ଅ] (ପ୍ରବାସ କରିବାକୁ) ପ୍ରଭୁଙ୍କ ଅନୁମତି ପ୍ରାପ୍ତ କରିବା ଅପେକ୍ଷାରେ ଥିଲେ । ହଜରତ ଅଲୀ ର:ଅ ମଧ୍ୟ ମକ୍କାରେ ହିଁ ଥିଲେ । ହଜରତ ଅବୁବକର ର:ଅ ଯେତେବେଳେ ହିଜ୍‌ରତ୍ (ପ୍ରବାସ) କରିବାପାଇଁ ଅନୁମତି ମାଗିବାକୁ ଚାହିଁଲେ । ତାଙ୍କୁ ଉପଦେଶ ଦିଆଗଲା ଯେ ଏବେ ରହିଯାଅ । ମୁଁ ଆଶା କରୁଛି ଯେ ମୋତେ ମଧ୍ୟ ଅନୁମତି ମିଳିଯିବ ବା ଆଉ ଏକ ରିୱାୟତ୍ ମୁତାବକ ମହାଭାଗ ସ:ଆ:ସ କହିଲେ ଯେ ତୁମେ ଶିଘ୍ର କରନାହିଁ । ସମ୍ଭବତଃ ଅଲ୍ଲାଃ ତୁମ ପାଇଁ ଜଣେ ସାଥି/ସାଙ୍ଗର

ବ୍ୟବସ୍ଥା କରିଦେବେ ।

ଏଥିରେ ହଜରତ ଅବୁବକର ର:ଅ କହିଲେ:- ହେ ଅଲ୍ଲାଃଙ୍କ ରସୁଲ୍ ! ସ:ଆ:ସ ! ମୋ ମାଆ ବାପା ଆପଣଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ କ'ଣ ଆପଣଙ୍କୁ ବି ହିଜ୍‌ରତ୍ କରିବାର ଅନୁମତି ମିଳିବ ? ସତେ ଯେପରି ହିଜ୍‌ରତ୍ ଯୋଗୁଁ ନବୀ କରିମ୍ ସ:ଆ:ସଙ୍କଠାରୁ ବିଛିଡ଼ି ଯିବାର ଦୁଃଖ ଦୂର ହୋଇଗଲା । ହଜରତ ଅବୁବକର ର:ଅ ଏହି ନୂଆ ଖୁସିକୁ ଶୁଣି ଫେରି ଆସିଲେ ଓ ହିଜ୍‌ରତ୍ କରିବାର ଉଦ୍ଦେଶ୍ୟକୁ ସ୍ଥଗିତ କରିଦେଲେ । କିନ୍ତୁ ସେ ଅତ୍ୟନ୍ତ ବୁଦ୍ଧିମତାର ସହିତ ଦୁଇଟି ଓଟ କିଣିଲେ ଓ ସେହି ଓଟ ଦୁଇଟିକୁ ବିଶେଷ ଭାବରେ ଖାଇବା ପିଇବାଂକୁ ଦେଇ ଏକ ଅଜ୍ଞାତ ସ୍ଥାନକୁ ହିଜ୍‌ରତ୍ (ସ୍ଥାନାନ୍ତରଣ) କରିବାପାଇଁ ପ୍ରସ୍ତୁତ ହୋଇ ରହିଲେ । ***(ସହି ବୁଖାରୀ, କିତାବୁଲ୍ କଫାଲାଃ...... ହଦିସ୍ ନଂ-୨୨୯୧) (ଅଲ୍‌ଖଲିଫତୁଲ୍ ଅଓ୍ୱଲ୍ ଅବୁ ବକର୍ ଅସ୍‌ସିଦ୍ଦିକ୍ ଅଜ୍ ସଲାବି ପୃ-୪୫ ଦାରୁଲ୍ ମା'ରଫା ବେରୁତ ୨୦୦୬)***

ଉପୋରକ୍ତ ବିଷୟବସ୍ତୁ ଉପରେ ଚର୍ଚ୍ଚା କରି ହଜରତ ମୁସ୍‌ଲେହ୍ ମଉଦ୍ ର:ଅ କହିଛନ୍ତି:- "ରସୁଲେ୍ କରିମ୍ ସ:ଆ:ସ ଏବଂ ମହାଭାଗ ସ:ଆ:ସଙ୍କ ସାଥିଗଣ ହିଜ୍‌ରତ୍ (Migration) କରିବାପାଇଁ ପ୍ରସ୍ତୁତି ଆରମ୍ଭ କରିଦେଲେ । ଗୋଟିଏ ପରେ ଗୋଟିଏ ଖାନ୍‌ଦାନ୍ (ବଂଶ) ମକ୍କାରୁ ଅର୍ନ୍ତଧାନ ହେବା ଆରମ୍ଭ କରିଦେଲେ । ବେଳେବେଳେ ଗୋଟିଏ ରାତିରେ ମକ୍କାର ଗୋଟିଏ ଗୋଟିଏ ଗଳିର ସବୁ ଘରରେ ତାଲା ଲାଗି ଯାଉଥିଲା । ସକାଳ ହେବାରେ ଯେତେବେଳେ ସହରର ଲୋକମାନେ ଗଳି କନ୍ଦି ଗୁଡ଼ିକୁ ନୀରବ ଥିବାର ଦେଖୁଥିଲେ, ସେମାନେ ଏହାର କାରଣ ପଚାରୁଥିଲେ, ସେମାନଙ୍କୁ ବତାଯାଇଥିଲା ଯେ ଏହି ଗଳିରେ ରହୁଥିବା ସମସ୍ତ ଲୋକେ (ମକ୍କା)ରୁ ହିଜରତ କରି ମଦିନା ଚାଲି ଯାଉଛନ୍ତି । ଇସ୍‌ଲାମ୍‌ର ଏପରି ଗଭୀର ପ୍ରଭାବ, ଯାହା ଭିତରେ ଭିତରେ ମକ୍କାର ଲୋକମାନଙ୍କ ମଧ୍ୟରେ ପ୍ରବେଶ କରୁଥିଲା ଓ ବ୍ୟାପିଯାଉଥିଲା, ତାହାକୁ ଦେଖି ସେହି ଲୋକମାନେ ଆଶ୍ଚର୍ଯ୍ୟଚକିତ ହେଉଥିଲେ । ପରିଶେଷରେ ମକ୍କା ମୁସଲମାନମାନଙ୍କଠାରୁ ଖାଲି ହୋଇଗଲା (ଅର୍ଥାତ ମୁସଲମାନମାନେ ମକ୍କା ଛାଡ଼ି ଚାଲିଗଲେ ଓ ମକ୍କାରେ ଆଉ ମୁସଲମାନ ନଥିଲେ) କେବଳ ହାତ ଗଣତି ଗୁଲାମ (କ୍ରୀତଦାସ), ରସୁଲୁଲ୍ଲାଃ ସ:ଆ:ସ, ହଜ୍‌ରତ୍ ଅବୁବକର୍ ର:ଅ ଏବଂ ହଜରତ ଅଲୀ ର:ଅ ମକ୍କାରେ ରହିଗଲେ ।"

***(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୨୦, ପୃ-୨୨୨)***

ପୁଣି ହଜରତ ମୁସ୍‌ଲେହ ମଉଦ୍ ର:ଅ ଉଲ୍ଲେଖ କରିଛନ୍ତି ଯେ "ମକ୍କାର ଅବିଶ୍ୱାସୀଗୋଷ୍ଠୀମାନଙ୍କୁ ଅନ୍ୟ ଲୋକମାନଙ୍କ ତୁଳନାରେ ରସୁଲେ୍ କରିମ୍ ସ:ଆ:ସଙ୍କ ସହିତ ସ୍ୱଭାବିକ ଭାବରେ ଅଧିକା ଦ୍ୱେଷ ଓ ଶତ୍ରୁତା ଥିଲା । କାରଣ ସେମାନେ ଏହା ଦେଖୁଥବଲେ ଯେ ମହାଭାଗ ସ:ଆ:ସଙ୍କ ଶିକ୍ଷାରେ ଅନୁପ୍ରାଣିତ ହୋଇ ଲୋକମାନଙ୍କ ମନରେ ସିର୍କ (ଅନେକେଶ୍ୱରବାଦ) ପ୍ରତି ତିକ୍ତଭାଗ ବ୍ୟାପି ଚାଲିଛି । ସେମାନେ ଏହା ଜାଣିଥିଲେ ଯେ ଯଦି ସେମାନେ ଆପଣ ସ:ଆ:ସଙ୍କୁ ହତ୍ୟା କରିଦିଅନ୍ତି ତା'ହେଲେ ବାକି ଅନ୍ୟ (ମୁସଲମାନମାନେ) ସ୍ୱତଃପୃତଃ ଭାବରେ ଛିନ୍ନଛତ୍ର ହୋଇଯିବେ । ତେଣୁ ସେମାନେ ଅନ୍ୟମାନଙ୍କ ଅପେକ୍ଷା ଆଁ ହଜରତ ସ:ଆ:ସଙ୍କୁ ଅଧିକ ଦୁଃଖ ଦେଉଥିଲେ ଓ ଏକଥା ଚାହୁଁଥିଲେ ଯେ କିପରି ସେ (ଅର୍ଥାତ ମୁହମ୍ମଦ ସ:ଆ:ସ) ନିଜର ଦାବିରୁ କ୍ଷାନ୍ତି ହୋଇଯାଆନ୍ତୁ । କିନ୍ତୁ ଏପରି ସମସ୍ତ ଅସୁବିଧାର ସମ୍ମୁଖିନ ଥିବା ସତ୍ତ୍ୱେ ମଧ ମହାଭାଗ ସ:ଆ:ସ ସାହାବାମାନଙ୍କୁ ତ ହିଜ୍‌ରତ୍ (Migration) କରିବାପାଇଁ ଆଦେଶ ଦେଇଦେଲେ କିନ୍ତୁ ନିଜେ ଏହି ସବୁ ଦୁଃଖକଷ୍ଟ ପାଇ ମଧ ମକ୍କାରୁ ହିଜ୍‌ରତ୍ କଲେନାହିଁ । କାରଣ ଖୁଦାତାଲାଙ୍କ ତରଫରୁ କୌଣସି ଅନୁମତି ମିଳିନଥିଲା । ଅତଏବ ଯେତେବେଳେ ହଜରତ ଅବୁବକର ର:ଅ ପ୍ରବାସ କରିବାର ଅନୁମତି ମାଗିଲେ ସେତେବେଳେ ହଜୁର ସ:ଆ:ସ ଉତର ଦେଲେ, ଅଲା ରିସ୍‌ଲିକା ଫଇନ୍ନି ଅର୍‌ଯୁ ଅଇଁ ୟୁଜନା ଲି ଅର୍ଥାତ ଟିକିଏ ଥୟ ଧର କାରଣ ମୁଁ ଆଶା କରୁଛି ଯେ ପ୍ରଭୁ ମୋତେ ଏଥି ସକାଶେ ଅନୁମତି ପ୍ରଦାନ କରିବେ" ।***(ସିରତୁନ୍ ନବୀ ସ:ଆ:ସ, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୧, ପୃ-୪୮୯)***

ଶେଷରେ ମକ୍କାରେ କେବଳ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ], ହଜରତ ଅବୁବକର ର:ଅ, ହଜରତ ଅଲୀ ର:ଅ ଓ କିଛି କ୍ରୀତଦାସ ହିଜ୍‌ରତ୍ ନକରି ରହି ଯାଇଥିଲେ ।

**ଦାରୁଲ୍ ନଦ୍‌ଓ୍ୱଠାରେ ମକ୍କାର କୁଫାର୍ (ଅର୍ଥାତ ଅବିଶ୍ୱାସୀଗଣ) ନବୀ କରିମ୍** ସ:ଆ:ସଙ୍କ ଖିଲାପରେ ଗୁପ୍ତ ପରାମର୍ଶ କରିବା ପାଇଁ ଏକତ୍ରିତ ହୋଇଥିଲେ ।

ଏ ସମ୍ବନ୍ଧରେ ଲେଖାଯାଇଅଛି ଯେ ମକ୍କାର ସର୍‌ଦାର୍‌ମାନେ ଏକଥାରେ ବହୁତ କ୍ରୋଧିତ ଥିଲେ ଯେ ମୁସଲମାନମାନେ ତାଙ୍କ ହାତରୁ କିପରି ବଂଚି ଚାଲିଗଲେ । ତେଣୁ ସେମାନେ ଏ ବିଷୟ ପରାମଁ କରିବା ପାଇଁ ଦାରୁଲ୍ ନଦ୍‌ଓ୍ୱାଠାରେ ଏକତ୍ରିତ ହେଲେ । ଅଲ୍ଲାମା ଇବ୍‌ନେ ଇସ୍‌ହାକ୍ କହୁଛନ୍ତି ଯେ ଯେତେବେଳେ କୁରୈଶ୍ ଏହା ଦେଖିଲେ ଯେ ନବୀ କରିମ୍ ସ:ଆ:ସଙ୍କ ସହିତ ଗୋଟିଏ ଦଳ ଓ କିଛି ସାହାବି ମିଶିଯାଇଛନ୍ତି, ଯେଉଁମାନେ ମକ୍କାର ମୁସଲମାନ ନୁହନ୍ତି ଓ ନା ସେମାନେ ତାଙ୍କ ଇଲାକାର ଅଟନ୍ତି । ପୁଣି କୁରୈଶ୍ ଏହା ଦେଖିଲେ ଯେ ଆଁ ହଜରତ ସ:ଆ:ସଙ୍କ ସାହାବିମାନେ ସେହି ଲୋକମାନଙ୍କ ଆଡ଼କୁ ହିଜରତ କରି ଚାଲିଯାଇଛନ୍ତି । ଅତଏବ କୁରୈଶ୍‌ମାନେ ଏହା ଜାଣିନେଲେ ଯେ ସେମାନେ (ଅର୍ଥାତ ମୁସଲମାନମାନେ) କୌଣସି ଏକ ଶାନ୍ତିପୂର୍ଣ୍ଣ ସ୍ଥାନକୁ ଯାଉଛନ୍ତି ଓ ସେମାନଙ୍କୁ ମଦିନାର ଅଧିବାସୀମାନଙ୍କ ତରଫରୁ ପୂର୍ଣ୍ଣ ସୁରକ୍ଷା ଯୋଗାଇ ଦିଆଯାଇଛି । ତେଣୁ ସେମାନଙ୍କୁ ଏ ସନ୍ଦେହ ହେଲା ଯେ ରସୁଲେ୍ କରିମ୍ ସ:ଆ:ସ ହିଜ୍‌ରତ୍ କରି ସେମାନଙ୍କ ନିକଟକୁ ଚାଲି ନଯାଆନ୍ତୁ ଓ କୁରୈଶ୍ ଏକଥା ବି ଜାଣିସାରିଥିଲେ ଯେ ସେମାନେ ସମସ୍ତେ କୁରୈଶ୍ ଖିଲାଫରେ ଯୁଦ୍ଧ କରିବା ନିମନ୍ତେ ଏକାଠ ହେଉଛନ୍ତି । ସୁତରାଂ ସେମାନେ ମହାଭାଗ ସ:ଆ:ସଙ୍କ ବିଷୟରେ ଦାରୁଲ୍ ନଦ୍‌ଓ୍ୱାଠାରେ ଏକାଠି ହେଲେ । ଯେଉଁଠାରେ ସେମାନେ ଏକାଠି ହେଲେ ତାହା କୁସ୍‌ସୈ ବିନ୍ କିଲାବ୍‌ର ଘର ଥିଲା । ଯେବେ ବି କୁରୈଶ୍‌ମାନଙ୍କୁ ଆଁ ହଜରତ ସ:ଆ:ସଙ୍କ ସମ୍ବନ୍ଧରେ କୌଣସି ସଂଶୟ ସୃଷ୍ଟି ହେଉଥିଲା, ସେତେବେଳେ ସେମାନେ ଏହି ଘରେ ଏକାଠି ହେଉଥିଲେ ଓ ପରାମର୍ଶ କରୁଥିଲେ । ଆଉ ଏକ ରିଓ୍ୱାୟତ୍‌ରେ ଆସିଛି ଯେ ହଜରତ ଅବ୍‌ଦୁଲ୍ଲାଃ ବିନ୍ ଅବ୍‌ବାସ୍ ର:ଅ ବର୍ଣ୍ଣନା କରିଛନ୍ତି ଯେ ଯେତେବେଳେ ସେମାନେ ଏହି ଉଦ୍ଦେଶ୍ୟ ପାଇଁ ଏକାଠି ହେଲେ ଓ ସେମାନେ ସେଠାରେ ଶପଥ କଲେ ଯେ ସେମାନେ ଦାରୁଲ୍ ନଦ୍‌ଓ୍ୱାରେ ଦାଖିଲ୍ ହେବେ ଯଦ୍ୱାରା ସେମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ସମ୍ବନ୍ଧରେ ପରାମର୍ଶ କରିବେ । ଯେଉଁ ଦିନ ସେମାନେ ପ୍ରତିଜ୍ଞା କରିଥିଲେ, ସେହି ଦିନ ସେମାନେ ସେଠାକୁ ଗଲେ ଏବଂ ସେହି ଦିନଟିକୁ **ୟୋମୁଜ୍ ଜହ୍‌ମାଃ** କୁହାଯାଏ । ସେମାନଙ୍କ ସମ୍ମୁଖରେ ଜଣେ ବୃଦ୍ଧ ଓ ବୟସ୍କ ବ୍ୟକ୍ତି ଯାହାର ରୂପରୁ ଇବ୍‌ଲିସ୍ (ଅର୍ଥାତ ଦୁଷ୍ଟାମୀର ଚିହ୍ନ) ପ୍ରକାଶ ହେଉଥିଲା, ସେ ଉଭା ହେଲା । ସେହି ବୃଦ୍ଧ ଜଣକ ଚାଦର ଘୋଡ଼ାଇ ହୋଇଥିଲା ଏବଂ ଦାରୁଲ୍ ନଦ୍‌ଓ୍ୱାର କବାଟ ନିକଟରେ ଆସି ଛିଡ଼ା ହେଲା । ଲୋକମାନେ ତାଙ୍କୁ ଜାଣିନଥିଲେ । ଲୋକମାନେ ତାକୁ କବାଟ ନିକଟରେ ଦେଖି ପଚାରିଲେ ଏହି ବୁଢ଼ା ଲୋକଟି କିଏ ? ସେ କହିଲା ଯେ ମୁଁ ନଜଦ୍‌ର ଜଣେ ବୃଦ୍ଧ ଲୋକ । ପୁଣି ସେ କହିଲା ଯେ ମୁଁ ସେହି କଥାକୁ ଶୁଣି ସାରିଛି ଯେଉଁ ବିଷୟରେ ତୁମେମାନେ ଶପଥ ନେଉଥିଲ । ମୁଁ ତୁମମାନଙ୍କ ନିକଟକୁ ଏଥିପାଇଁ ଆସିଛି ଯେ ମୁଁ ଶୁଣିବି ତୁମେମାନେ କଣ କହିବ । ଆଶା କରୁଛି ତୁମମାନଙ୍କୁ ଏହା ଦ୍ୱାରା କୌଣସି ନା କୌଣସି ରାୟ ବା ଭଲ ପରାମର୍ଶ ମିଳିଯିବ । ପୁଣି ସେ ନିଜ ସମ୍ବନ୍ଧରେ କହିଲା । ତା କଥା ଶୁଣି କୁରୈଶ୍ ତାକୁ କହିଲେ ଯେ ଭିତରକୁ ଆସିଯାଅ । ଅତଃ ସେହି ଲୋକଟି ସେମାନଙ୍କ ସହିତ ଘର ଭିତରକୁ ପ୍ରବେଶ କଲା । ସେଠାରେ କୁରୈଶ୍‌ର ସର୍ଦ୍ଦାରମାନଙ୍କର ଗୋଟିଏ ବଡ଼ ଦଳ ଉପସ୍ଥିତ ଥିଲା । ସେମାନଙ୍କ ମଧ୍ୟରେ ନିମ୍ନଲିଖିତ ଖାସ୍ ଖାସ୍ ଲୋକ ଥିଲେ । ଉତ୍‌ବା ବିନ୍ ରବିୟା, ଶୈବାଃ ବିନ୍ ରବିୟା, ଅବୁ ସୁଫିୟାନ୍ ବିନ୍ ହର୍‌ବ୍, ତୁଅଇମାଃ ବିନ୍ ଅଦି ଏବଂ ଆଉ କେତେକ ଲୋକ ମଧ୍ୟ ଥିଲେ । ଅବୁ ଜହଲ୍ ବିନ୍ ହିଶାମ୍, ହଜାଜ୍‌ର ଦୁଇ ପୁଅ ଏବଂ ଆହୁରି ଅନେକ ଲୋକ ଥିଲେ । ଏତଦ୍‌ବ୍ୟତୀତ ଏମିତି କିଛି ସର୍‌ଦାର୍ ମଧ୍ୟ ସେହିଠାରେ ଥିଲେ ଯେଉଁମାନଙ୍କର ଗଣନା କୁରୈଶ୍‌ମାନଙ୍କ ମଧ୍ୟରେ ହେଉନଥିଲା । ଯେତେବେଳେ ସବୁ ଲୋକେ ଏକାଠି ହୋଇଗଲେ ଓ ପରାମର୍ଶ ଦେବାର ସମୟ ଆସିଗଲା ସେତେବେଳେ ଜଣେ ଏ ପରାମଁ ଦେଲା ଯେ ତାକୁ (ଅର୍ଥାତ ମୁହମ୍ମଦ ସ:ଆ:ସଙ୍କୁ) ଲୁହାର ବେଡ଼ିରେ ବାନ୍ଧି କଏଦ୍ କରିଦିଅ ଓ ବାହାରୁ କବାଟ ବନ୍ଦ କରିଦିଅ । ପୁଣି ତା'ର ଏପରି ମୃତ୍ୟୁକୁ ଅପେକ୍ଷା କର, ଯାହା ତା' ପୂର୍ବରୁ ତା ପରିକା ଦୁଇଜଣ କବିଙ୍କର ମୃତ୍ୟୁ ହୋଇଥିଲା । ଅର୍ଥାତ **ଜୁହୈର୍** ଏବଂ **ନାବିଗାଃ** ନାମକ ଦୁଇଜଣ କବି ମରି ସାରିଛନ୍ତି ଏବଂ ଅନ୍ୟାନ୍ୟ କବିମାନେ, ଯେଉଁମାନେ ତା ପୂର୍ବରୁ ମୃତ୍ୟୁବରଣ କରିସାରିଛନ୍ତି । ଅର୍ଥାତ ପରିଣାମକୁ ଅପେକ୍ଷା କର ଯେଉଁଭଳି ତା ପୂର୍ବରୁ ଜୁହୈର୍ ଏବଂ ନାବ୍‌ଗାଃ କବି (ଶାଇର୍) ମରିଯାଇଛନ୍ତି, ସେହିପରି ସେ ମଧ୍ୟ ମରିଯିବ । ଆଁ ହଜରତ ସ:ଆ:ସଙ୍କ ପାଇଁ ଏହି ଯୋଜନା କରାଗଲା । ଏ କଥା ଶୁଣି ସେହି ନଜଦ୍ ନିବାସୀ ବୃଦ୍ଧ ଜଣକ କହିଲା । ନା ! ନା ! ଈଶ୍ୱରଙ୍କ ରାଣ ! ମୋ ମତରେ ତୁମମାନଙ୍କର ଏହି ରାୟ ଠିକ୍ ନୁହେଁ । ଯଦି ତୁମେମାନେ ତାକୁ ବନ୍ଦୀ କରିଦେବ, ତା'ହେଲେ ଏହି ଖବର ଘରୁ ବାହାରକୁ ଯାଇ ତା ସାଥିମାନଙ୍କ ନିକଟରେ ନିଶ୍ଚୟ ପହଂଚିଯିବ । ପୁଣି ଦୂର ନୁହେଁ ଯେ ସେମାନେ ତୁମମାନଙ୍କ ଉପରେ ଆକ୍ରମଣ କରି ତାକୁ ତୁମମାନଙ୍କ କବ୍‌ଜାରୁ ବାହାର କରି ନେଇଯିବେ । ପୁଣି ତା ସାହାଯ୍ୟ ସହଯୋଗ ଦ୍ୱାରା ନିଜର ସଂଖ୍ୟା ବଢ଼ାଇ ତୁମମାନଙ୍କୁ ପରାସ୍ତ କରିଦେବେ । ତେଣୁ ତୁମେମାନେ ଆଉ କୌଣସି ଉପାୟ ପାଂଚ । ଏଥିରେ ଆଉ ଜଣେ ଲୋକ ଏ ପରାମର୍ଶ ଦେଲା ଯେ ଆମେ ସେହି ବ୍ୟକ୍ତି (ଅର୍ଥାତ ମୁହମ୍ମଦ ସ:ଆ:ସ)କୁ ଆମ ଭିତରୁ ବିଦା କରିଦେବା ଓ ଆମ ସହରରୁ ବିତାଡ଼ିତ କରିଦେବା । ତା'ପରେ ସେ ଯୁଆଡ଼େ ଇଚ୍ଛା ସେଆଡ଼େ ଯାଉ, ଆମର କିଛି ଜାଅଆସ ନାହିଁ । ଯେତେବେଳେ ସେ ଆମକୁ ଛାଡ଼ି ଚାଲିଯିବେ ଓ ଆମଠାରୁ ବିଦା ହୋଇଯିବ, ସେତେବେଳେ ଆମ ମାମଲା ସବୁ ଠିକ୍ ହୋଇଯିବ ଓ ଆମେ ପୂର୍ବପରି ରହିବା । ଏକଥା ଶୁଣି ସେହି ନଜ୍‌ଦି ବୃଦ୍ଧ ଲୋକ ପୁଣି କହିଲା ଯେ ନା ନା ଅଲ୍ଲାଃଙ୍କ ରା ! ଏହି ପରାମର୍ଶ ବି ଠିକ୍ ନୁହେଁ । ତୁମେମାନେ କଣ ଏ କଥା ଦେଖୁନାହଁ ଯେ ସେହି ଲୋକର କଥା କେଡ଼େ ସୁନ୍ଦର ଓ କେଡ଼େ ମଧୁର ବଚନ । ସେ ଯାହା କିଛି ଆଣୁଅଛି (ଅର୍ଥାତ କହୁଅଛି) ତା ଜରିଆରେ କିପରି ଲୋକମାନଙ୍କ ହୃଦୟକୁ ସେ ଜିଣିନେଉଛି । ଅଲ୍ଲାଃଙ୍କ ରାଣ ! ଯଦି ତୁମେମାନେ ଏପରି କରିବ, ତା'ହେଲେ ତୁମେମାନେ ଶାନ୍ତିରେ ରହିପାରିବ ନାହିଁ । କାରଣ ସେ ଆରବର କୌଣସି କବିଲାରେ

ଓହ୍ଲାଇବ ଓ ନିଜ କଥା ଦ୍ୱାରା ସେମାନଙ୍କ ହୃଦୟ ଜିଣିନେବ ଫଳତଃ ସେହି ଲୋକମାନେ ତାଙ୍କୁ ଅନୁସରଣ କରିବାକୁ ଲାଗିବେ । ପୁଣି ତାଙ୍କ ସହିତ ମିଶି ସେମାନେ ତୁମମାନଙ୍କ ଉପରେ ଆକ୍ରମଣ କରିଦେବେ ଓ ତୁମମାନଙ୍କୁ ତଳିତଳାନ୍ତ କରିଦେବେ ଓ ପୁଣି ତୁମମାନଙ୍କ ସହିତ ଯେମିତି ଚାହିଁବେ ସେମିତି ବ୍ୟବହାର କରିବେ । ତେଣୁ ଏହି ଯୋଜନାକୁ ଛାଡ଼ି ଆଉ କୌଣସି ଯୋଜନା କର । ଏଥିରେ ଅବୁ ଜହଲ୍ ଏ ରାୟ ଦେଲା ଯେ କୁରୈଶର ପ୍ରତ୍ୟେକ କବିଲାରୁ ବଳବାନ ଓ ଉଚ୍ଚ ଆଭିଜାତ୍ୟ ଯୁବକଙ୍କୁ ଚୟନ କରାଯାଉ । ପୁଣି ସେମାନେ ସମସ୍ତେ ମିଶି ମୁହମ୍ମଦ (ସ:ଆ:ସ) ଆଡ଼କୁ ଯାଆନ୍ତୁ ଏବଂ ସମସ୍ତେ ମିଶି ଏକାବେଳେ ତା ଉପରେ ଆକ୍ରମଣ କରନ୍ତୁ ଓ ପୁଣି ହତ୍ୟା କରିଦିଅନ୍ତୁ । ଏହିପରି ଆମକୁ ତା'ଠାରୁ ମୁକ୍ତି ମିଳିଯିବ । ଏହିପରି ମାରିବାର ଫଳ ଏହା ବାହାରିବ ଯେ ମୁହମ୍ମଦ (ସ:ଆ:ସ)ଙ୍କ ହତ୍ୟା ଅର୍ଥାତ ରକ୍ତ ସମସ୍ତ କବିଲା ମଧ୍ୟରେ ବାଣ୍ଟି ହୋଇଯିବ ଏବଂ ବନୁ ଅବ୍‌ଦେ ମୁନାଫ୍ ସବୁ କବିଲାମାନଙ୍କ ସହିତ ଯୁଦ୍ଧ କରିପାରିବ ନାହିଁ ତେଣୁ କ୍ଷତିପୁରଣ ଦେବାକୁ ରାଜି ହୋଇଯିବ ଓ ଆମେ ସଭିଏଁ ମିଳିମିଶି କ୍ଷତି ପୂରଣ ପୈଠ କରିବାକୁ ରାଜି ହୋଇଯିବା । ଏଥିରେ ସେହି ଚଦର ଘୋଡ଼ି ହୋଇଥିବା ଶୈତାନ ସ୍ୱଭାବୀ ବୃଦ୍ଧ ବ୍ୟକ୍ତି ଯାହାକୁ କେହି ଚିହ୍ନି ନଥିଲେ ସେ କହିଲା; ଯଦି କିଏ ପ୍ରକୃତ ରାୟ / ପରାମର୍ଶ ଦେଇଛି ତା'ହେଲେ ଏହି ଲୋକଟି ଦେଉଛି (ଅର୍ଥାତ ଅବୁ ଜହଲ୍ ଦେଉଛି) । ବାକି ସବୁ ବେକାର କଥା । ସୁତରାଂ ଏହି ରାୟ ଉପରେ ସମସ୍ତେ ଏକମତ ଓ ସହମତ ହୋଇ ଚାଲିଗଲେ । ***(ସିରତୁନ୍ ନବୱିୟା ଲେ ଇବ୍‌ନେ ହୁଶାମ୍, ପୃ-୩୪୦-୩୪୨...... ବେରୁତ ୨୦୦୧)***

ଅପର ପାର୍ଶ୍ୱରେ ଅଲ୍ଲାଃତାଲା ହଜୁର ସ:ଆ:ସଙ୍କୁ ଏସମସ୍ତ ଘଟଣା ଚକ୍ର ସଂକ୍ରାନ୍ତରେ ସୂଚିତ କରି ଜିବରିଲ୍‌ଙ୍କ ମାଧ୍ୟମରେ ପ୍ରବାସ କରି ଯିବାର ଅନୁମତି ପ୍ରଦାନ କରି ଦେଲେ ଯେମିତି କି ସେ ପବିତ୍ର କୁର୍‌ଆନ୍‌ରେ କହିଛନ୍ତି:- **ୱ ଇଜ୍ ୟମ୍‌କୁରୁ ବିକଲ୍ଲଜିନା କଫରୁ ଲିୟୁସ୍‌ବିତୁକା ଅଓ ୟକ୍‌ତୁଲୁକା ଅଓ ୟୁଖ୍‌ରିଜୁକା ୱ ୟମ୍‌କୁରୁନା ୱ ୟମ୍‌କୁରୁଲ୍ଲାଃହୁ ୱଲ୍ଲାହୁ ଖୈରୁଲ୍ ମାକିରିନ୍ (ଅନ୍‌ଫାଲ୍:୩୧)** ଅର୍ଥାତ:-ଏବଂ (ହେ ରସୁଲ୍ ! ସେହି ସମୟକୁ ସ୍ମରଣ କର) ଯେତେବେଳେ ଅବିଶ୍ୱାସକାରୀମାନେ ତୁମ୍ଭ ସଂକ୍ରାନ୍ତରେ ଷଡ଼ଯନ୍ତ୍ର କରୁଥିଲେ ଯେ ତୁମମାନଙ୍କୁ ବନ୍ଦୀ କରିବେ ବା ତୁମଙ୍କୁ ହତ୍ୟା କରିବେ, ବା ତୁମକୁ ବହିଷ୍କାର କରିବେ; ଏବଂ ସେମାନେ ଯୋଜନା କରୁଥିଲେ ଏବଂ ଅଲ୍ଲାଃ ମଧ୍ୟ ଯୋଜନା କରୁଥିଲେ; ଏବଂ ଅଲ୍ଲାଃ ସର୍ବୋତମ ଯୋଜନାକାରୀ । ଏବଂ ଏଥିସହିତ ଆପଣ ମକ୍କା ବିଜୟ କରି (ପୁନଃ ମକ୍କା) ପ୍ରତ୍ୟାବର୍ତନ କରିବାର ମଧ୍ୟ ସୁସମାଚାର ପ୍ରଦାନ କରାଯାଇଥିଲା । ***(ସୁବୁଲୁଲ୍ ହୁଦା ୱର୍ ରଶାଦ୍, ଖଣ୍ଡ-୩, ପୃ-୨୩୨.... ବେରୁତ ୧୯୯୩)*** ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି ଯେ ଆଁ ହଜରତ ସ:ଆ:ସଙ୍କୁ ଯେତେବେଳେ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର କଲେ, ସେତେବେଳେ ଅଲ୍ଲାଃ ତାଲା ନିଜର ସେହି ପବିତ୍ର ନବୀଙ୍କୁ ସେହି ମନ୍ଦ ଉଦ୍ଦେଶ୍ୟ ବିଷୟରେ ଖବର ଦେଇଥିଲେ ଓ ମକ୍କାରୁ ମଦିନା ଆଡ଼କୁ ହିଜ୍‌ରତ୍ (Migration) କରିଯିବା ପାଇଁ ଆଦେଶ ଦେଲେ ପୁଣି ବିଜୟ ଓ ସାହାଯ୍ୟର ସୁସମାଚାର ପ୍ରଦାନ କଲେ । ବୁଧବାର ଦିନ ଦ୍ୱିପ୍ରହର ସମୟ ଭିଷଣ ଗ୍ରୀଷ୍ମତାପ ଥିଲା, ଯେବେ ଏହି ପରୀକ୍ଷା ଅଲ୍ଲାଃଙ୍କ ତରଫରୁ ପ୍ରକାଶ ହେଲା ।

***(ସୁର୍‌ମା ଚଶ୍‌ମାଃ ଆର୍‌ୟା, ରୁହାନୀ ଖଜାଇନ୍, ଖଣ୍ଡ-୨, ପୃ-୬୪ ହାଶିୟା)***

ପ୍ରବାସ କରିବାର ଅନୁମତି ମିଳିବା ପରେ ହଜୁର ସ:ଆ:ସ ଭୀଷଣ ଗ୍ରୀଷ୍ମ ତାପରେ ମଧ୍ୟାହ୍ନ ସମୟରେ ସମ୍ପୂର୍ଣ୍ଣ ରୂପେ ଚଦର ଘୋରେଇ ହୋଇ ଯେପରି କେହି ଜାଣିପାରିବେ ନାହିଁ, ହଜରତ ଅବୁବକର ର:ଅଙ୍କ ଘରକୁ ଚାଲିଗଲେ ଯେଉଁ ସମୟରେ ମକ୍କାର ଲୋକମାନେ ସାଧାରଣତଃ ନିଜ ନିଜର ଘର ଭିତରେ ରହିଥାନ୍ତି ଓ ଜଣେ ଅନ୍ୟଜଣଙ୍କ ନିକଟକୁ ଯାଇନଥାନ୍ତି । ଅତଏବ ମହାଭାଗ ସ:ଆ:ସ ନିଜର ସୁରକ୍ଷା ନିମନ୍ତେ, ନିଜର ଚେହେରାକୁ ଓ ମୁଣ୍ଡକୁ କପଡ଼ାରେ ଘୋଡ଼ାଇ ରଖିଥିଲେ କାରଣ ଭିଷଣ ଗ୍ରୀଷ୍ମତାପ ଥିଲା । ଯେବେ ଆପଣ ସ:ଆ:ସ ହଜରତ ଅବୁବକର ର:ଅଙ୍କ ଘରର ନିକଟରେ ପହଂଚିଲେ, କେହି ଜଣେ ବତାଇଲେ ଯେ, ନବୀ କରିମ୍ ସ:ଆ:ସ ଆସୁଥିବାର ଜଣାପଡୁଛି । ତିବ୍‌ରାନୀ ଏବଂ ଫତ୍‌ହୁଲ୍ ବାରୀର ରିୱାୟତ୍ ମୁତାବକ ହଜରତ ଅସ୍‌ମାଆ ର:ଅ ଏକଥା କହିଥିଲେ । ଅବୁ ବକର୍ ର:ଅ କହିବାକୁ ଲାଗିଲେ ଯେ ମୋ ମାଆ ବାପା ମହାଭାଗ ସ:ଆ:ସଙ୍କ ଉପରେ ଉତ୍ସର୍ଗ ହୁଅନ୍ତୁ । ଅଲ୍ଲାଃଙ୍କ ରାଣ ! ନବୀ କରିମ୍ ସ:ଆ:ସ ଏ ସମୟରେ ଆମ ନିକଟକୁ ଆସୁଛନ୍ତି, ଏହାର କିଛି ବଡ଼ କାରଣ ଥିବ । ପୁଣି ହଜରତ ଅବୁବକର ର:ଅ ବ୍ୟତିବ୍ୟସ୍ତ ହୋଇ କ୍ଷିପ୍ର ଗତିରେ ବ୍ୟାକୁଳ ହୋଇ ବାହାରକୁ ବାହାରିଲେ । ଯେତେବେଳେ ମହାଭାଗ ସ:ଆ:ସ ତାଙ୍କ ଘର ଭିତରେ ପ୍ରବେଶ କଲେ, ଘର ଭିତରେ ହଜରତ ଅବୁବକର ର:ଅ ଆଇଶା ର:ଅ ଏବଂ ହଜରତ ଅସ୍‌ମାଆ ର:ଅ ଥିଲେ । ଆଁ ହଜରତ ସ:ଆ:ସ ହଜରତ ଅବୁବକର ର:ଅଙ୍କୁ ଆଦେଶ ଦେଲେ ଯେ ତୁମ ନିକଟରେ ଯେଉଁ ଲୋକମାନେ ଅଛନ୍ତି, ସେମାନଙ୍କୁ ବାହାରକୁ ପଠାଇ ଦିଅ । ଏହା ଶୁଣି ହଜରତ ଅବୁବକର ର:ଅ କହିଲେ ହୁଜୁର ! କେବଳ ମୋର ଏହି ଦୁଇଜଣ ଝିଅ ବର୍ତମାନ ଏଠାରେ ଅଛନ୍ତି, ଆଉ କେହି ବି ନାହାନ୍ତି । ଆଉ ଏକ ରିୱାୟତ୍ ରେ ଆସିଛି ଯେ ହଜରତ ଅବୁବକର ର:ଅ ନିବେଦନ କଲେ ଯେ ହେ ଅଲ୍ଲାଃଙ୍କ ରସୁଲ୍ ! ସ:ଆ:ସ ! କେବଳ ଆପଣଙ୍କ ଘର ଲୋକମାନଙ୍କ ବତୀତ ଆଉ କିଏ ନାହାନ୍ତି । ଅତଏବ ଆଁ ହଜରତ ସ:ଆ:ସ ସେଠାରେ ପହଂଚି ହଜରତ ଅବୁବକର ର:ଅଙ୍କୁ କହିଲେ; ମୋତେ ଅଲ୍ଲାଃତାଲା ହିଜ୍‌ରତ୍ ଅର୍ଥାତ ପ୍ରବାସ କରିବାର ଅନୁମତି ପ୍ରଦାନ କରି ଦେଇଛନ୍ତି ।

ହଜରତ ଅବୁବକର ର:ଅ ପଚାରିଲେ, ହେ ଅଲ୍ଲାଃଙ୍କ ରସୁଲ୍ ! କ'ଣ ମୋତେ ମଧ୍ୟ ଆପଣ ନିଜ ସାଥିରେ ନେଇଯିବେ ? ହଜୁର ସ:ଆ:ସ ଉତର ଦେଲେ ହଁ । ***(ସହି ବୁଖାରୀ, କିତାବୁଲ୍ ବୁୟୁ...... ରିୱାୟତ୍ ନଂ-୨୧୩୮) (ସହି ବୁଖାରୀ, କିତାବୁଲ୍ ମନାକିବୁଲ୍ ଅନ୍‌ସାର୍..... ରିୱାୟତ୍ ନଂ-୩୯୦୫) (ଫତହୁଲ୍ ବାରି ବଶରହ୍ ସହି ବୁଖାରୀ, ଖଣ୍ଡ-୭, ପୃ-୨୭୭.... କାହିରା ୧୯୮୬)***

ଏହି ଖବର ଶୁଣି ହଜରତ ଅବୁ ବକର୍ ର:ଅ ଖୁସିରେ କାନ୍ଦି ପକାଇଲେ । ହଜରତ ଆଇଶା ର:ଅ ବର୍ଣ୍ଣନା କରିଛନ୍ତି ଯେ ସେହି ଦିନ ପ୍ରଥମ ଥର ପାଇଁ ମତେ ଜଣାପଡ଼ିଲା ଯେ ଖୁସିରେ ବି ଜଣେ କାନ୍ଦି ପକାଏ । ***(ସିରତୁନ୍ ନବୱିୟା ଲି ଇବ୍‌ନେ ହୁଶାମ୍, ପୃ-୩୪୩, ଜିକ୍‌ରୁହିଜ୍‌ରତୁର୍ ରସୁଲ୍..... ବେରୁତ ୨୦୦୧)***

ଏହି ହିଜ୍‌ରତ୍ କରିବା ସମ୍ବନ୍ଧରେ ଯେହେତୁ ହଜରତ ଅବୁବକର ର:ଅ ପୂର୍ବାନୁମାନ କରି ନେଇଥିଲେ ତେଣୁ ସେ ପୂର୍ବରୁ ହିଁ ଦୁଇଟି (ସବଳ) ଓଟ ୮୦୦ ଦିରହମ୍‌ରେ ଖରିଦ୍ କରି ରଖିଥିଲେ । ହଜରତ ଅବୁବକର ର:ଅ ଆଁ ହଜରତ ସ:ଆ:ସଙ୍କ ନିକଟରେ ନିବଦେନ କଲେ ଯେ ହଜୁର ! ଆପଣ ଏଥିମଧ୍ୟରୁ ଗୋଟିଏ ନିଅନ୍ତୁ । ଏଥିରେ ଆଁ ହଜରତ ସ:ଆ:ସ କହିଲେ ମୁଁ ଏହାର ମୃତ୍ୟୁ ଦେଇ ଏହାକୁ ଗ୍ରହଣ କରିବି । ଅତଏବ ଯେତେବେଳେ ଆଁ ହଜରତ ସ:ଆ:ସ ଓଟର ମୂଲ୍ୟ ଦେବା ପାଇଁ ବାଧ୍ୟ କଲେ, ସେତେବେଳେ ହଜରତ ଅବୁବକର ର:ଅଙ୍କୁ ତାହା କରିବା ବ୍ୟତୀତ ଆଉ କୌଣସି ଉପାୟ ନଥିଲା । ସେହି ଓଟ ଦୁଇଟିକୁ ହଜରତ ଅବୁବକର ର:ଅ ଆଠ ଶହ ଦିର୍‌ହମ୍ ଦେଇ କିଣିଥିଲେ ଓ ଆଁ ହଜରତ ସ:ଆ:ସଙ୍କୁ ସେଥି ମଧ୍ୟରୁ ଗୋଟିଏ ଓଟକୁ ଚାରିଶହ ଦିର୍‌ହମ୍ ବିନିମୟରେ ଦେଇ ଦେଲେ । ଆଉ ଏକ ରିୱାୟତ୍‌ରେ ଆସିଛି ଯେ ସେହି ଓଟକୁ ମହାଭାଗ ସ:ଆ:ସ ଆଠ ଶହ ଦିର୍‌ହମ୍ ଦେଇ କିଣିଥିଲେ । ***(ସହି ବୁଖାରୀ, କିତାବୁଲ୍ ମନାକିବୁଲ୍ ଅନ୍‌ସାର୍......ରିୱାୟତ୍ ନଂ-୩୯୦୫) (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍, ଖଣ୍ଡ-୧, ପୃ-୩୮୨........... ବେରୁତ ୨୦୧୨) (ଶରହ୍ ଜର୍‌କାନୀ...... ଖଣ୍ଡ-୨, ପୃ-୧୦୫, ୧୦୬......... ବେରୁତ ୧୯୯୬)***

ପୂର୍ବ ଯୋଜନାନୁଯାୟୀ ପ୍ରଥମ ଅବସ୍ଥାନ ଗାରେ ସୋର ଅର୍ଥାତ ସୋର୍ ନାମକ ଗୁମ୍ଫାଠାରେ ହେବା ସ୍ଥିର ହୋଇଥିଲା । ଯେଉଁଠାରେ ତିନି ଦିନ ଅବସ୍ଥାନ କରିବା ଧାର୍ଯ୍ୟ କରାଯାଇଥିଲା । ପୁଣି ଏହା ଧାର୍ଯ୍ୟ କରାଗଲା ଯେ ଏମିତି ଜଣେ ପ୍ରବୀଣ ବ୍ୟକ୍ତିକୁ ସାଥିରେ ନିଆଯାଉ ଯିଏ ମକ୍କାର ଚତୁଃପାର୍ଶ୍ୱରେ ସମସ୍ତ ଜଣା ଓ ଅଜଣା ମରୁ ରାସ୍ତା ସହିତ ପରିଚିତ ଥିବ । ସେହି ଉଦ୍ଦେଶ୍ୟରେ ଅବ୍‌ଦୁଲ୍ଲାଃ ବିନ୍ ଉରୈକିତ୍ ସହିତ କଥାବାର୍ତା କରାଗଲା । ସେ ଯଦିଚ ଜଣେ ମୁଶ୍‌ରିକ୍ (ଅନେକେଶ୍ୱରବାଦୀ) ଥିଲା କିନ୍ତୁ ଜଣେ ଅତିଭଦ୍ର ଦାୟିତ୍ୱବାନ ଓ ନିଷ୍ଠାପର ବ୍ୟକ୍ତି ଥିଲା । ଜୀବନ ଚରିତ ଲେଖାଳୀମାନେ ତାଙ୍କ ସମ୍ବନ୍ଧରେ ଉଲ୍ଲେଖ କରିଛନ୍ତି ଯେ ସେ ମୁସଲମାନ ହୋଇନଥିଲା । କିନ୍ତୁ ଆଉ ଏକ ରିୱାୟତ୍ ମୁତାବକ ସେ ପରେ ଇସ୍‌ଲାମ୍ ଗ୍ରହଣ କରିନେଇଥିଲା । ସେ ଯାହା ହେଉ ନା କାହିଁକି ଅବ୍‌ଦୁଲ୍ଲାଃ ବିନ୍ ଉରୈକିତ୍ ଅଧୀନରେ ତିନୋଟି ଯାକ ଓଟ ପ୍ରଦାନ କରି ଦିଆଯାଇଥିଲା ଓ ସେହି ଓଟଗୁଡ଼ିକୁ ତିନି ଦିନ ପରେ ପ୍ରଭାତ ସମୟରେ ସଅଳ ସଅଳ ଆଣି ଗାରେ ସୋରଠାରେ ପହଂଚି ଯିବାର ନିର୍ଦ୍ଦେଶ ଦିଆଯାଇଥିଲା । ହଜରତ ଅବ୍‌ଦୁଲ୍ଲାଃ ବିନ୍ ଅବୁବକର ଯିଏ ଜଣେ ହୁଶିୟାର ଯୁବକ ଥିଲେ, ତାଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା ଯେ ସେ ପ୍ରତିଦିନ ସନ୍ଧ୍ୟା ସମୟରେ ଗାରେ ସୋର ନିକଟକୁ ଆସି

ମକ୍କା ସମ୍ପର୍କରେ ସୂଚନା ଦେବେ । ହଜରତ ଅବୁବକର ର:ଅଙ୍କର ଜଣେ ବୁଦ୍ଧିମାନ ଓ ଦାୟିତ୍ୱବାନ ଦାସ ଆମିର୍ ବିନ୍ ଫହିରାଃ ର:ଅଙ୍କୁ ଏହି ଦାୟିତ୍ୱ ଦିଆଯାଇଥିଲା ଯେ ସେ ନିଜ ଛେଳିମେଣ୍ଢାମାନଙ୍କୁ ଆଣି ଗାରେ ସୋର ଆଖପାଖରେ ଚରାଇବେ ଯଦ୍ୱାରା ସେମାନଙ୍କ ଠାରୁ ସନ୍ଧ୍ୟା ବେଳେ ତାଜା କ୍ଷୀର ପାନ କରିବାକୁ ମିଳିବ ପୁଣି ମକ୍କାରୁ ବାହାରିବାର ସମୟ ନିର୍ଦ୍ଧାରଣ କରିବା ପରେ ଆଁ ହଜରତ ସ:ଆ:ସ ଶୀଘ୍ର ଶୀଘ୍ର ହଜରତ ଅବୁବକର ର:ଅଙ୍କ ଘରୁ ଲେଉଟି ନିଜ ଘରକୁ ଚାଲିଗଲେ । ***(ଉଦ୍ଧୃତ ତାରିଖୁଲ୍ ଖମିସ୍, ଖଣ୍ଡ-୨, ପୃ-୭, ଜିକ୍‌ରେ ଖୁରୁଜା...... ବେରୁତ ୨୦୦୯) (ଅର୍ ରହିକୁଲ୍ ମଖ୍‌ତୁମ୍ ଅଜ୍ ସଫିଉର୍ ରହ୍‌ମାନ୍ ଅଲ୍‌ମୁବାରକ୍ ଫୁରି, ପୃ-୧୬୫......୨୦୧୮) (ଶରହ୍ ଜର୍‌କାନୀ, ଖଣ୍ଡ-୨, ପୃ-୧୨୯, ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୧୯୯୬)***

ଘରକୁ ଆସି ଆଁ ହଜରତ ସ:ଆ:ସ ହଜରତ ଅଲୀ ର:ଅଙ୍କୁ ନିଜ ହିଜ୍‌ରତ୍ (ସ୍ଥାନାନ୍ତରଣ) କରିବା ସମ୍ବନ୍ଧରେ ଜଣାଇଲେ ଏବଂ ତାଙ୍କ ଦାୟିତ୍ୱରେ ଏକ ନିସ୍ୱାର୍ଥପର ବଳିଦାନର କାର୍ଯ୍ୟ ଅର୍ପଣ କଲେ ଯେ ଆଜି ରାତିରେ ସେ ( ହଜରତ ଅଲୀ) ହଜୁର ସ:ଆ:ସଙ୍କ ପବିତ୍ର ବିଛଣାରେ । ସବୁଜ ଚଦର ଘୋଡ଼ି, ଆଉ କେତେକ ବର୍ଣ୍ଣନାନୁଯାୟୀ ଲାଲ୍ ରଙ୍ଗର ହଜରମି ଚଦର ଘୋଡ଼ି ଶୋଇବେ, ଯେଉଁ ଚାଦରକୁ ସ୍ୱଂୟ ହଜରତ ମୁହମ୍ମଦ ସ:ଆ:ସ ଘୋଡ଼ି ଶୁଅନ୍ତି । ପୁଣି ନିଜର ସେହି ଉତ୍ସର୍ଗୀ ସେବକକୁ ଅଲ୍ଲାଃଙ୍କ

ସାହାଯ୍ୟ ଓ ସମର୍ଥନରେ ନିଶ୍ଚିତ ସୁସମାଚାର ଶୁଣାଇ କହିଲେ ଯେ ତୁମେ ଚିନ୍ତା କରନାହିଁ । ବହୁତ ଆରାମ୍‌ରେ ତୁମେ ମୋ ବିଛଣାରେ ଶୋଇ ରହିବ । ଶତୃ ତୁମର କେଶକୁ ବି ବଙ୍କା କରିପାରିବ ନାହିଁ ।

ପୁଣି ସତ୍ୟବାଦୀ ଓ ଇମାନ୍‌ଦାର ଈଶ୍ୱରଙ୍କ ଦୂତ ହଜରତ ମୁହମ୍ମଦ ସ:ଆ:ସଙ୍କୁ ଯେହେତୁ ମକ୍କାବାସୀଙ୍କ ଦ୍ୱାରା ଦିଆଯାଇଥିବା ଅମାନତ୍‌ର ଚିନ୍ତା ଘାରୁଥିଲା ତେଣୁ ମହାଭାଗ ସ:ଆ:ସ କହିଲେ ଯେ ତାଙ୍କ ନିକଟରେ ଥିବା ଅମାନତ୍‌ଗୁଡ଼ିକୁ ଲୋକମାନଙ୍କୁ ଫେରାଇ ମଦିନା ଚାଲି ଆସିବ । ଅତଏବ ହଜରତ ଅଲୀ ର:ଅ ତିନିଦିନ ପର୍ଯ୍ୟନ୍ତ ମକ୍କାରେ ରହିଲେ ଏପରି କି ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ତରଫରୁ ଲୋକମାନଙ୍କ ଅମାନତ୍ (ଅର୍ଥାତ ଯେଉଁ ଜିନିଷଗୁଡ଼ିକ ଲୋକମାନେ ଆଁ ହଜରତ ସ:ଆ:ସଙ୍କ ନିକଟରେ ସୁରକ୍ଷିତ ରହିବା ନିମନ୍ତେ ରଖିଥିଲେ- ଅନୁବାଦକ) ଫେରାଇ ଦେଲେ । ଏହି କାମ / ଦାୟିତ୍ୱ ତୁଲାଇବା ପରେ ହଜରତ ଅଲୀ ର:ଅ କୁବା ନାମକ ସ୍ଥାନରେ ଯାଇ ଆଁ ହଜରତ ସ:ଆ:ସଙ୍କ ସହିତ ମିଶିଗଲେ । ତା'ପରେ ଆଁ ହଜରତ ସ:ଆ:ସଙ୍କ ସହିତ ମିଶିଗଲେ । ତା'ପରେ ଆଁ ହଜରତ ସ:ଆ:ସ ନିଜ ଘରୁ ବାହାରିଲେ, ଯେବେ କି ମକ୍କାର କୁଫ୍‌ଫାର୍ (ଅର୍ଥାତ ଅମାନ୍ୟକାରୀ ଓ ଅବିଶ୍ୱାସକାରୀ) ମାନଙ୍କ ମଧ୍ୟରୁ ଗଣାଶୁଣା ବାହାଦୁର୍ (ସାହାସୀ) ଲୋକମାନଙ୍କ ଆଖିରୁ ରକ୍ତ ଝରୁଥିଲା ତେଣୁ ସେମାନେ ନିଜ ନିଜର ତରବାରୀ ଧରି ଆଁ ହଜରତ ସ:ଆ:ସଙ୍କ ଘରର ବାହାରପଟେ ଜଗି ରହିଥିଲେ ଯେମିତି ହେଲେ ବି ଏହି କାମକୁ ଶେଷ କରିଦେବେ ଏବଂ ସେମାନଙ୍କ ସର୍‌ଦାର୍ (ନେତା) ଅବୁ ଜହଲ୍ ବହୁତ ଅହଙ୍କାର ଓ ପରିହାସ କରି ଏ କଥା କହୁଥିଲା ଯେ ମୁହମ୍ମଦ ଏକଥା କହୁଛି ଯେ ଯଦି ତୁମେମାନେ ତା ମାମଲାରେ ତାକୁ ଅନୁସରଣ କରିବ ତା'ହେଲେ ତୁମେମାନେ ଆରବ ଓ ଅଣଆରବୀୟ ଇଲାକାର ସମ୍ରାଟ ହୋଇଯିବ । ପୁଣି ତୁମେମାନେ ତୁମ ମୃତ୍ୟୁପରେ ଉଠିବ । ତୁମମାନଙ୍କ ଉର୍ଦ୍ଦୁନ୍ ର ଫଳ ବଗିଚା ସଦୃଶ ବଗିଚା ତିଆରି କରାଯିବ । ଯଦି ତୁମେମାନେ ଏପରି ନ କର ତା'ହେଲେ ତୁମମାନଙ୍କ ମଧ୍ୟରେ ହତ୍ୟାକାଣ୍ଡ ଉପୁଜିବ । ଆଁ ହଜରତ ସ:ଆ:ସ ବାହାରକୁ ବାହାରି କହିଲେ ହଁ ମୁଁ ଏହି କଥା ହିଁ କହୁଅଛି ପୁଣି **ସୁରଃ ୟାସିନ୍** ର ନିମ୍ନଲିଖିତ ଆୟତ ପାଠ କଲେ । **ୟାସିନ୍ ୱଲ୍‌କୁର୍‌ଆନିଲ୍ ହକିମ୍ ଇନ୍ନକା ଲମିନଲ୍ ମୁର୍‌ସଲିନ୍ । ଅଲା ସିରାତିମ୍ ମୁସ୍ତକିମ୍ ତନ୍‌ଜିଲଲ୍ ଅଜିଜିର୍ ରହିମ୍ । ଲିତୁନ୍‌ଜିରା କୌମମ୍ ମା ଉନ୍‌ଜିରା ଆବା ଉହୁମ୍ ଫହୁମ୍ ଗାଫିଲୁନା । ଲକଦ୍ ହକ୍‌କଲ୍ କୈଲୁ ଅଲା ଅକ୍‌ସରିହମ୍ ଫହୁମ୍ ଲା ୟୁମିନୁନା । ଇନ୍ନା ଜାଅଲ୍‌ନା ଫି ଆନାକିହିମ୍ ଅଗ୍‌ଲାଇନ୍ ଫହିୟା ଇଲଲ୍ ଅଜ୍‌କାନି ଫହୁମ୍ ମୁକ୍‌ମହୁନ୍ । ୱ ଜାଅଲ୍‌ନା ମିମ୍ ବଇନି ଅଇଦିହିମ୍ ସଦ୍‌ଦଉଁ ୱ ମିନ୍ ଖଲ୍‌ଫିହିମ୍ ସଦ୍‌ଦନ୍ ଫଅଗ୍‌ଶୈନାହୁମ୍ ଫହୁମ୍ ଲା ୟୁବ୍‌ସିରୁନ୍ । (ସୁରଃ ୟାସିନ୍: ୨-୧୦)** ଏହି ଆୟତଗୁଡ଼ିକର ଅନୁବାଦ ହେଉଛି ଏପରି:- ହେ ସର୍‌ଦାର୍! ଆମ୍ଭେ ତତ୍ୱ ସମ୍ୱଳିତ କୋରାନ୍‌କୁ (ତୁମେ ସୟଦ୍ ହୋଇଥିବାର) ପ୍ରମାଣ ସ୍ୱରୁପ ପେଶ୍ କରୁଅଛୁ । ବାସ୍ତବିକ ତୁମେ ରସୁଲ୍‌ମାନଙ୍କ ମଧ୍ୟରେ ଅନ୍ତର୍ଗତ (ଏବଂ) ସତ୍‌ପଥରେ (ଅଛ) । ପରାକ୍ରମୀ (ଓ) ଅତ୍ୟନ୍ତ କରୁଣାମୟ (ଅଲ୍ଲାଃ)ଙ୍କ ତରଫରୁ (ଏହି କୋରାନ୍) ଅବତୀର୍ଣ୍ଣ ହୋଇଅଛି । ଏଥି ସକାଶେ ଯେ ତୁମେ ସେହି ସମ୍ପ୍ରଦାୟମାନଙ୍କୁ ସଚେତନ କରାଅ ଯେଉଁମାନଙ୍କର ପିତୃପୁରୁଷମାନଙ୍କୁ ସଚେତନ କରାଯାଇ ନଥିଲା ଏବଂ ସେମାନେ ଅମନୋଯୋଗୀ ରହିଥିଲେ । ବାସ୍ତବିକ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ସମ୍ୱନ୍ଧରେ ଆମ୍ଭର ବାଣୀ (ସତ୍ୟ) ସାବ୍ୟସ୍ତ ହୋଇଅଛି, ତେଣୁ ସେମାନେ ବିଶ୍ୱାସ କରୁନାହାନ୍ତି । ଆମ୍ଭେ ସେମାନଙ୍କ ଗଳାରେ ଶିକୁଳି ପକାଇ ରଖିଛୁ ଯାହା ସେମାନଙ୍କ ଚିବୁକ ପର୍ଯ୍ୟନ୍ତ ପ୍ରସାରିତ ହୋଇ ରହିଛି; ଏବଂ ସେମାନେ (ଦୁଃଖରୁ ପରିତ୍ରାଣ ପାଇବା ସକାଶେ ନିଜ) ଗଳାକୁ ଉପରକୁ ଉଠାଇଥାନ୍ତି । ଏବଂ ଆମ୍ଭେ ସେମାନଙ୍କ ସମ୍ମୁଖରେ ଏକ ପ୍ରତିବନ୍ଧକ ସ୍ଥାପନ କରିଅଛୁ ଏବଂ ସେମାନଙ୍କୁ ଆବୃତ କରି ରଖିଅଛୁ; ତେଣୁ ସେମାନେ ଦେଖିପାରୁନାହାନ୍ତି ।

ଆଁ ହଜରତ ସ:ଆ:ସ ସେମାନଙ୍କ ମୁଣ୍ଡ ଉପରେ ଧୂଳି ପକାଇ ସେମାନଙ୍କ ସାମନାରେ ହିଁ ଘରୁ ବାହାରି ଚାଲିଗଲେ କିନ୍ତୁ ଅଲ୍ଲାଃଙ୍କର ଏ କାର୍ଯ୍ୟ ଦେଖନ୍ତୁ ଯେ ମହାଭାଗ ସ:ଆ:ସ ଯିବାବେଳେ, କାହାକୁ ବି ଦିଶିଲେ ନାହିଁ ବରଂ ସେହି ଲୋକମାନେ ଥରକୁ ଥର ଘର ଭିତରକୁ ଝାଙ୍କି ଦେଖୁ ମଧ୍ୟ ଥିଲେ ଓ ସେମାନଙ୍କୁ ସାନ୍ତ୍ୱନା ମିଳୁଥିଲା ଯେ, ମୁହମ୍ମଦ ସ:ଆ:ସ ନିଜ ବିଛଣାରେ ଶୋଇ ରହିଛନ୍ତି । ***(ସିରତୁନ୍ ନବୱିୟା ଲେ ଇବ୍‌ନେ ହୁଶାମ, ପୃ- ୩୪୨, ୩୪୮..... ବେରୁତ ୨୦୦୧) (ମୁହମ୍ମଦ ରସୁଲୁଲ୍ଲାଃ ୱଲ୍‌ଲଇନ୍ ମାଆହୁ, ଖଣ୍ଡ-୩, ପୃ-୭୪..... ମିଶର) (ତବକାତୁଲ୍ କୁବ୍‌ରା ଲେ ଇବ୍‌ନେ ସାଆଦ୍, ଖଣ୍ଡ-୧, ପୃ- ୧୭୬........... ବେରୁତ ୨୦୧୨)***

ଏହି ଘଟଣା ସମ୍ୱନ୍ଧରେ ପୁସ୍ତକ ସିରତ୍ ଖାତମୁନ୍ ନବୀୟିନ୍ ସ:ଆ:ସ ରେ ହଜରତ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ର:ଅ ଏପରି ବର୍ଣ୍ଣନା କରିଛନ୍ତି ଯେ " ଅନ୍ଧାର ରାତି ଥିଲା ଓ ଅତ୍ୟାଚାରୀ କୁରେଶ୍, ଯେଉଁମାନେ ଭିନ୍ନ ଭିନ୍ନ କବିଲା ସହିତ ସମ୍ପର୍କ ରଖିଥିଲେ, ସେମାନେ ହତ୍ୟା କରିବାର ଉଦ୍ଦେଶ୍ୟ ନେଇ ମହାଭାଗ ସ:ଆ:ସଙ୍କ ଘର ଚାରିପଟେ ଏକତ୍ରିତ ହୋଇ ଆପଣ ସ:ଆ:ସଙ୍କ ଘରକୁ ଘେରି ରହିଥିଲେ । ସେମାନେ ସକାଳ ହେବାର ଅପେକ୍ଷାରେ ଥିଲେ ବା ଏ ଅପେକ୍ଷାରେ ଥିଲେ ଯେ ଆପଣ ସ:ଆ:ସ ଘରୁ ବାହାରିବା ମାତ୍ରେ ସମସ୍ତେ ଏକାଠି ଆକ୍ରମଣ କରି ଆପଣ ସ:ଆ:ସଙ୍କୁ ହତ୍ୟା କରିଦେବେ । ଆଁ ହଜରତ ସ:ଆ:ସଙ୍କ ନିକଟରେ କିଛି କୁଫ୍‌ଫାର୍ (ଅବିଶ୍ୱାସକାରୀ)ମାନଙ୍କର ଅମାନତ (ଅର୍ଥାତ ଜିନିଷପତ୍ର) ରହିଯାଇଥିଲା । ଭିଷଣ ବିରୋଧି ସତ୍ୱେ ମଧ୍ୟ ଅଧିକାଂଶ ଲୋକେ ନିଜ ନିଜର ଅମାନତ୍ (ମୂଲ୍ୟବାନ ବସ୍ତୁ) ମହାଭାଗ ସ:ଆ:ସଙ୍କ ସତ୍ୟବାଦିତା ଓ ବିଶ୍ୱସ୍ତତା ଯୋଗୁଁ, ମହାଭାଗ ସ:ଆ:ସଙ୍କ ନିକଟରେ ରଖୁଥିଲେ । ଅତଏବ ଆପଣ ସ:ଆ:ସ ହଜରତ ଅଲୀ ର:ଅଙ୍କୁ ସେହି ସମସ୍ତ ଅମାନତ୍‌ଗୁଡ଼ିକର ହିସାବ ନିକାସ ବୁଝାଇ ଦେଲେ ଏବଂ ତାଗିଦ୍ କଲେ ଯେ ଅମାନତ୍‌ଗୁଡ଼ିକୁ ନ ଫେରାଇବା ପର୍ଯ୍ୟନ୍ତ ତୁମେ ମକ୍କା ଛାଡ଼ି ଯିବନାହିଁ । ତା'ପରେ ଆପଣ ସ:ଆ:ସ ତାଙ୍କୁ (ଅର୍ଥାତ ହଜରତ ଅଲୀ ର:ଅଙ୍କୁ) କହିଲେ ଯେ ତୁମେ ମୋ ବିଛଣାରେ ଶୋଇଯାଅ ଏବଂ ସାନ୍ତ୍ୱନା ଦେଲେ ଯେ ତାଙ୍କୁ (ଅର୍ଥାତ ହଜରତ ଅଲୀ ର:ଅଙ୍କୁ) ଈଶ୍ୱରଙ୍କ କୃପାରୁ କୌଣସି କ୍ଷତି ପହଂଚିବ ନାହିଁ । ସେ ଶୋଇ ପଡ଼ିଲେ । ଆପଣ ସ:ଆ:ସ ନିଜ ଲାଲ ରଙ୍ଗର ଚାଦରକୁ ଅଲୀ ର:ଅଙ୍କ ଉପରେ ଘୋଡ଼ାଇ ଦେଲେ । ତା'ପରେ ଆପଣ ସ:ଆ:ସ ଅଲ୍ଲାଃଙ୍କ ନାମ ଧରି ନିଜ ଘରୁ ବାହାରି ପଡ଼ିଲେ । ସେ ସମୟରେ ବିରୋଧମାନେ, ଯେଉଁମାନେ ମହାଭାଗ ସ:ଆ:ସଙ୍କ ଘରକୁ ଚାରିପଟୁ ଘେରି ରହିଥିଲେ ଓ ଘର ସାମନାରେ ହିଁ ଥିଲେ, କିନ୍ତୁ ଯେହେତୁ ସେମାନଙ୍କର ଏ ଖିଆଲ ନଥିଲା ଯେ ଆଁ ହଜରତ ସ:ଆ:ସ ରାତ୍ରିର ପ୍ରାରମ୍ଭିକ ସମୟରେ ଘରୁ ବାହାରି ଚାଲିଯିବେ ବୋଲି । ସେମାନେ ଏତେମାତ୍ରାରେ ଅନ୍ୟମନସ୍କ ଥିଲେ ଯ ମହାଭାଗ ସ:ଆ:ସ ସେମାନଙ୍କ ମୁଣ୍ଡରେ ଧୂଳି ପକାଇ ସେମାନଙ୍କ ମଧ୍ୟରେ ହିଁ ବାହାରି ଚାଲିଗଲେ ଓ ସେମାନେ କିଛି ହେଲେ ବି ଜାଣିପାରିଲେ ନାହିଁ । .......... ଯେଉଁ କୁରେଶ୍‌ମାନେ ଆପଣ ସ:ଆ:ସଙ୍କ ଘରକୁ ଚାରିପଟୁ ଘେରି ରହିଥିଲେ, ସେମାନେ ଅଳ୍ପ ସମୟ ବ୍ୟବଧାନରେ ଥରକୁ ଥର ଆପଣ ସ:ଆ:ସଙ୍କ ଘରକୁ ଝାଙ୍କୁଥିଲେ କିନ୍ତୁ ହଜରତ ଅଲୀ ର:ଅଙ୍କୁ ଆପଣଙ୍କ ସ୍ଥାନରେ ଶୋଇଥିବାର ଦେଖି ସେମାନେ ଆଶ୍ୱସ୍ତ ଅନୁଭବ କରୁଥିଲେ । କିନ୍ତୁ ଯେତେବେଳେ ସକାଳ ହେଲା, ସେମାନେ ଏହା ଜାଣିପାରିଲେ ଯେ ସେମାନଙ୍କ ଶୀକାର ହାତରୁ ଖସିଯାଇଛି । ପୁଣି ସେମାନେ ଏଣୁତେଣୁ ଦଉଡ଼ିବାକୁ ଲାଗିଲେ । ମକ୍କାର ଗଳିକନ୍ଦିରେ ସାହାବାମାନଙ୍କ ଘର ଗୁଡ଼ିକୁ ତଲାଶ୍ କଲେ କିନ୍ତୁ ତାଙ୍କୁ କିଛି ମିଳିଲା ନାହିଁ । ତା'ପରେ କ୍ରୋଧରେ ଜର୍ଜରିତ ହୋଇ ହଜରତ ଅଲୀ ର:ଅଙ୍କ ଆସି ଧରି ବାଡ଼େଇଲେ ମାରିଲେ ।" ***(ସିରତ୍ ଖାତ୍‌ମୁନ୍ ନବିୟିନ ସ:ଆ:ସ, ହଜରତ ମିର୍ଜା ବଶୀର୍ ଅହ୍‌ମଦ୍ ସାହେବ, ପୃ- ୨୩୬-୨୩୭)***

ହଜରତ ମସିହ୍ ମଉଦ୍ ଆ:ସ ଏହି ଘଟଣା ସମ୍ୱନ୍ଧରେ ଚର୍ଚ୍ଚା କରି କହିଛନ୍ତି ଯେ "ଯେବେ ଆଁ ହଜରତ ସ:ଆ:ସ ଅଚାନକ ନିଜର ପୁରୁଣା ସହରକୁ ଛାଡ଼ିଲେ ଓ ବିରୋଧିମାନେ (ତାଙ୍କୁ) ମାରିଦେବା ପାଇଁ ଚାରିପଟୁ ତାଙ୍କ ପବିତ୍ର ଘରକୁ ଘେରି ରହିଥିଲେ, ସେତେବେଳେ ଜଣେ ଉତ୍ସର୍ଗୀ ଯାହାର ଅସ୍ତିତ୍ୱ ପ୍ରେମ ଏବଂ ବିଶ୍ୱାସ ଦ୍ୱାରା ଘୋଳା ଯାଇଥିଲା, ସେ ନିଜ ଜୀବନକୁ ଉତ୍ସର୍ଗ କରି ଆଁ ହଜରତ ସ:ଆ:ସଙ୍କ ବିଛଣାରେ ନବୀଙ୍କ ଆଦେଶାନୁସାରେ ସେହି ଉଦ୍ଦେଶ୍ୟକୁ ଚରିତାର୍ଥ କରିବା ପାଇଁ ମୁହଁ ଲୁଚାଇ ଶୋଇ ରହିଲା, ଯଦ୍ୱାରା ବିରୋଧିମାନଙ୍କ ଜାସୁସ୍ ଆଁ ହଜରତ ସ:ଆ:ସଙ୍କ ସେଠାରୁ ବାହାରି ଚାଲିଯିବାରେ କୌଣସି ସନ୍ଧାନ କରିପାରିବ ନାହିଁ ଓ ତାଙ୍କୁ (ଅର୍ଥାତ ହଜରତ ଅଲୀ ର:ଅଙ୍କୁ- ଅନୁବାଦକ) ରସୁଲୁଲ୍ଲାଃ ସ:ଆ:ସ ଭାବି ହତ୍ୟା କରିବା ଅପେକ୍ଷାରେ ରହିବେ ।

**କସ୍ ବହ୍‌ରେ କସେ ସରନଦେ**
**ହଦଜାନ ନଫଶନଦ୍**
**ଇଶ୍‌କେ ଅସ୍ତ୍ କେ ଇଁ କାର ବସଦ୍**
**ସିଦ୍‌କ୍ କୁନାନ୍ଦ୍**

***(ସୁର୍‌ମା ଚଶ୍‌ମା ଆର୍‌ୟା, ରୁହାନୀ ଖଜାଇନ୍, ଖଣ୍ଡ-୨, ପୃ-୬୪-୬୫ ହାଶିୟା)***

ଅର୍ଥାତ:- ଜଣେ ଲୋକ ଅନ୍ୟଜଣଙ୍କ ପାଇଁ ନା ତ ବଳି ପଡ଼ିଥାଏ ଓ ନା ତ ଜୀବନ ଦେଇଥାଏ । ଏହା କେବଳ ପ୍ରେମ ହିଁ ଅଟେ, ଯାହା ଏପରି କାର୍ଯ୍ୟକୁ ମଣିଷ ଦ୍ୱାରା ନିଷ୍ଠାପୂର୍ଣ୍ଣ ଭାବରେ କରାଇଥାଏ ।

ସେ ଯାହା ହେଉ ନା କାହିଁକି ବାହାରିବା ସମୟରେ ମତଭେଦ ରହିଛି । କିଛି କୁହନ୍ତି ପ୍ରାରମ୍ଭିକ ସମୟରେ, କିଛି କୁହନ୍ତି ଅଧରାତିରେ ବାହାରିଥିଲେ, କିଛି କୁହନ୍ତି ରାତ୍ରିର ଶେଷ ପ୍ରହରରେ । ସେ ଯାହା ହେଉ ଆଁ ହଜରତ ସ:ଆ:ସ ନିଜ ଘରୁ କେଉଁ ସମୟରେ ବାହାରିଲେ ? ଏ ସମ୍ୱନ୍ଧିତ ରିୱାୟତ୍ ଭିନ୍ନ ଭିନ୍ନ ମିଳିଥାଏ । ଏଠାରେ ତାହା ସବୁ ବର୍ଣ୍ଣନା କରି ଦେଇଛି ।

ଗୋଟିଏ ରିୱାୟତ୍‌ରେ ଆସିଛି ଯେ ମହାଭାଗ ସ:ଆ:ସ ରାତ୍ରିର (ଶେଷ ପ୍ରହର ଅର୍ଥାତ) ତୃତୀୟ ପ୍ରହରରେ ଘରୁ ବାହାରିଥିଲେ । ଅତଃ ମୁହମ୍ମଦ ହୁସୈନ୍ ହୈକଲ୍ ଲେଖିଛନ୍ତି ଯେ ରାତ୍ରିର ତୃତୀୟ

ପ୍ରହରରେ ହଜରତ ମୁହମ୍ମଦ ସ:ଆ:ସ ସେହି ମୁଶରିକ୍‌ମାନଙ୍କ ଅନ୍ୟମନସ୍କ ଯୋଗୁଁ ହଜରତ ଅବୁବକର ର:ଅଙ୍କ ଘର ଆଡ଼କୁ ବାହାରିଗଲେ ଓ ସେଠାରୁ ଦୁଇଜଣଯାକ ଘରର ପଛ ଦରଜା ଦେଇ ବାହାରିଗଲେ ଏବଂ ଦକ୍ଷିଣରେ ଥିବା ସୋର୍ ଗୁଫା (ଗାରେ ସୋର୍) ଆଡ଼କୁ ଚାଲିଲେ ।

*(ହୟାତ୍ ମୁହମ୍ମଦ..... ପୃ-୨୨୩-୨୨୪..... ଅଲ୍‌ମାରିବ୍)*

ପୁଣି ଗୋଟିଏ ରିଓ୍ୱାୟତ୍‌ରେ ଆସିଛି ଯେ ଆପଣ ସ:ଆ:ସ ଅର୍ଦ୍ଧରାତ୍ରୀ ସମୟରେ ବାହାରିଲେ । ଅତଃ ଦଲାଇଲୁଲ୍ ନବୁଓ୍ୱାରେ ଲେଖାଯାଇଛି ଯେ ରସୁଲୁଲ୍ଲାଃ ସ:ଆ:ସ ଏବଂ ହଜରତ ଅବୁବକର ର:ଅ ଅଧରାତିରେ ଗାରେ ସୋର୍ ଆଡ଼କୁ ବାହାରି ଯାଇଥିଲେ । ***( ଦଲାଇଲୁଲ୍ ନବୁଓ୍ୱା ଲିଲ୍ ବେହ୍‌କି, ଖଣ୍ଡ-୨, ପୃ-୪୬୫, ୪୬୬..... ବେରୁତ ୨୦୦୨)***

ମଦାରିଜୁନ୍ ନବୁଓ୍ୱାରେ ଉଲ୍ଲେଖ ରହିଛି ଯେ " ଯେତେବେଳେ ହଜୁର ସ:ଆ:ସ ମନସ୍ଥ କଲେ ଯେ ସକାଳୁ ସକାଳୁ ହିଜ୍‌ରତ୍ କରିବେ, ସେତେବେଳେ ସନ୍ଧ୍ୟା ସମୟରେ ହିଁ ହଜରତ ଅଲୀ ମୁରତଜା କର୍‌ରମହୁଲ୍ଲାହୁ ଓ୍ୱଜ୍‌ହହୁଙ୍କୁ ଆଦେଶ ଦେଲେ ଯେ ଆଜି ରାତିରେ ତୁମେ ଏଠାରେ ହିଁ ଶୋଇବ ଯଦ୍ୱାରା ମୁଶ୍‌ରିକ୍‌ମାନେ ସନ୍ଦେହରେ ରହି ବାସ୍ତବିକ ଅବସ୍ଥା ବିଷୟରେ କିଛି ଜାଣିପାରିବେ ନାହିଁ ।" ***(ମଦାରିଜୁନ୍ ନବୁଓ୍ୱା ଅଜ୍ ଶେଖ୍ ଅବ୍‌ଦୁଲ୍ ହକ୍ ମୁହଦିସ୍ ଦେହ୍‌ଲୁୟି.... ଖଣ୍ଡ-୨, ପୃ-୮୩........ ଲାହୋର)***

ହଜରତ ମିର୍ଜା ବଶିର୍ ଅହ୍‌ମଦ୍ ସାହେବ୍ ର:ଅ ଲେଖିଛନ୍ତି ଯେ ନବୀ କରିମ୍ ସ:ଆ:ସ ରାତ୍ରୀର ପ୍ରାରମ୍ଭିକ ସମୟରେ ଘରୁ ବାହାରିଥିଲେ । ସୁତରାଂ ତାହାର ବିବରଣୀ ଏପରି ବର୍ଣ୍ଣନା କରିଛନ୍ତି ଯେ "ଘେରି ରହିଥିବା ଲୋକମାନେ ମହାଭାଗ ସ:ଆ:ସଙ୍କ କବାଟ ସମ୍ମୁଖରେ ହିଁ ଉପସ୍ଥିତ ଥିଲେ କିନ୍ତୁ ଯେହେତୁ ସେମାନଙ୍କୁ ଏ ଧ୍ୟାନ ନଥିଲା ଯେ ଆଁ ହଜରତ ସ:ଆ:ସ ରାତ୍ରିର ପ୍ରାରମ୍ଭିକ ସମୟରେ ଘରୁ ବାହାରି ଚାଲିଯିବେ ବୋଲି । ସେମାନେ ସେତେବେଳେ ଏତେ ଅନ୍ୟମନସ୍କ ଥିଲେ ଯେ ମହାଭାଗ ସ:ଆ:ସ ସେମାନଙ୍କ ମୁଣ୍ଡ ଉପରେ ଧୂଳି ପକାଇ ସେମାନଙ୍କ ମଝିରେ ବାହାରି ଚାଲିଗଲେ ଓ ସେମାନେ କିଛି ବି ଜାଣିପାରିଲେ ନାହିଁ । ଏବେ ଆଁ ହଜରତ ସ:ଆ:ସ ଚୁପ୍‌ଚାପ ହୋଇ କିନ୍ତୁ ଶିଘ୍ର ଶିଘ୍ର ମକ୍କାର ଗଳି ଭିତର ଦେଇ ଚାଲିଯାଉଥିଲେ ଏବଂ ଅଳ୍ପ ସମୟ ମଧ୍ୟରେ ଜନବସତିଠାରୁ ଦୂରକୁ ଚାଲିଗଲେ ଏବଂ ଗାରେ ସୋର୍ ଆଡ଼କୁ ଗଲେ । ହଜରତ ଅବୁବକର ର:ଅଙ୍କ ସହିତ ପୂର୍ବରୁ ସବୁ କଥା ନିର୍ଦ୍ଧାରିତ ହୋଇସାରିଥିଲା । ସେ ମଧ୍ୟ ରାସ୍ତାରେ ମିଳିଗଲେ ।" ***(ସିରତ୍ ଖାତ୍‌ମୁନ୍ ନବିୟିନ ସ:ଆ:ସ, ହଜରତ ମିର୍ଜା ବଶୀର୍ ଅହ୍‌ମଦ୍ ସାହେବ, ପୃ-୨୩୭)***

ହଜରତ ମୁସ୍‌ଲେହ୍ ମଉଦ୍ ର:ଅ ଯେଉଁ ରିଓ୍ୱାୟତ୍‌ରୁ ସଂଗ୍ରହ କରି ବର୍ଣ୍ଣନା କରିଛନ୍ତି ତାହା ହେଉଛି ଏପରି "ଯେତେବେଳେ ମକ୍କାର ଲୋକମାନେ ମହାଭାଗ ସ:ଆ:ସଙ୍କ ଘର ସମ୍ମୁଖରେ ମହାଭାଗ ସ:ଆ:ସଙ୍କୁ ହତ୍ୟା କରିବା ପାଇଁ ଏକତ୍ରିତ ହେଉଥିଲେ, ସେତେବେଳେ ଆପଣ ସ:ଆ:ସ ରାତିର ଅନ୍ଧକାର ଭିତରେ ହିଜ୍‌ରତ୍ କରିବା ଉଦ୍ଦେଶ୍ୟରେ ନିଜ ଘରୁ ବାହାରକୁ ବାହାରୁଥିଲେ । ମକ୍କାର ଲୋକମାନେ ଅବଶ୍ୟ ସନ୍ଦେହ କରୁଥିବେ ଯେ ସେମାନଙ୍କର ଉଦ୍ଦେଶ୍ୟର ଖବର ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସଙ୍କୁ ମଧ୍ୟ ମିଳି ସାରିଥିବ କିନ୍ତୁ ଫେରେ ମଧ୍ୟ ଯେତେବେଳେ ଆପଣ ସ:ଆ:ସ ସେମାନଙ୍କ ସାମନାରେ ଗଲେ, ସେତେବେଳେ ସେମାନେ ଭାବିଲେ ଯେ ଇଏ ଆଉ କିଏ । ତେଣୁ ସେମାନେ ଆପଣ ସ:ଆ:ସଙ୍କ ଉପରେ ଆକ୍ରମଣ କଣ କରିବେ ସେମାନେ ମହାଭାଗ ସ:ଆ:ସଙ୍କଠାରୁ ଲୁଚିଲେ ଯଦ୍ୱାରା ସେମାନଙ୍କର ଉଦ୍ଦେଶ୍ୟ ବିଷୟରେ ମୁହମ୍ମଦ (ସ:ଆ:ସ)ଙ୍କୁ କିପରି ଖବର ନ ହୋଇଯାଉ । ସେହି ରାତିର ପୂର୍ବଦିନ ହିଁ ମହାଭାଗ ସ:ଆ:ସଙ୍କ ସହିତ ହିଜ୍‌ରତ୍ କରିବା ପାଇଁ ଅବୁ ବକର୍ ର:ଅଙ୍କୁ ଅବଗତ କରାଯାଇଥିଲା । ସୁତରାଂ ସେ ମଧ୍ୟ ଆଁ ହଜରତ ସ:ଆ:ସଙ୍କୁ ଯାଇ ମିଶିଗଲେ ଏବଂ ଦୁଇଜଣଯାକ ମିଳି ଅଳ୍ପ ସମୟ ମଧ୍ୟରେ ମକ୍କାରୁ ବାହାରି ଚାଲିଗଲେ ।" ***(ଦିବାଚା ତଫ୍‌ସିରୁଲ୍ କୁର୍‌ଆନ୍, ଅନଓ୍ୱାରୁଲ୍ ଉଲୁମ୍, ଖଣ୍ଡ-୨, ପୃ-୨୨୨-୨୨୩)***

ହଜରତ ମସିହ ମଉଦ ଆ:ସଙ୍କ କହିବାନୁଯାୟୀ; ହଜୁର ସ:ଆ:ସ ପ୍ରଭାତ ସମୟରେ ଘରୁ ବାହାରି ଥିଲେ ଏବଂ ଆପଣ ସ:ଆ:ସ ମକ୍କାରୁ ବାହାରିବା ସମୟରେ କୌଣସି ବିରୋଧୀ ଆପଣଙ୍କୁ ଦେଖି ନଥିଲେ । ଯେବେ କି ସକଳା ସମୟ ଥିଲା ଅପର ପଟରେ ବିରୋଧୀମାନେ ଆପଣ ଘରକୁ ଘେରାଉ କରି ରଖିଥିଲେ । ପରମେଶ୍ୱର ସୁରାଃ ୟାସିନ୍‌ରେ ଦର୍ଶାଇଛନ୍ତି, ଯେ ଆମ୍ଭେ ସେହି ବିରୋଧୀମାନଙ୍କ ଚକ୍ଷୁରେ ପରଦା ପକାଇ ଦେଇଥିଲୁ, ଯଦ୍ୱାରା ହଜୁର ସ:ଆ:ସ ସେମାନଙ୍କ ନିକଟରୁ ସେମାନଙ୍କ ମୁଣ୍ଡ ଉପରେ ପାଉଁଶ ଢ଼ାଳି ଚାଲିଗଲେ ।" ***(ସୁର୍‌ମା ଚଶ୍‌ମା ଆର୍‌ୟା, ରୁହାନୀ ଖଜାଇନ୍ ଖଣ୍ଡ-୨, ପୃ-୬୬ ହାଶିୟା)*** ଏହିପରି ହଜୁର ସ:ଆ:ସ ନିଜ ଘରୁ ବାହାରି କେଉଁ ଆଡ଼କୁ ଚାଲି ଯାଇଥିଲେ ତାହା ସଠିକ୍ କେହି ଜାଣି ପାରି ନଥିଲେ ।

ଗୋଟିଏ ରିଓ୍ୱାୟତ୍‌ରେ ଏପରି ଉଲ୍ଲେଖ ରହିଛି ଯେ ସମ୍ଭବତଃ ଆପଣ ସ:ଆ:ସ ନିଜ ଘରୁ ବାହାରି ସିଧା ହଜରତ ଅବୁବକର ର:ଅଙ୍କ ଘରେ ପହଂଚି ଯାଇଥିବେ ଓ ସେହିଠାରୁ ଦୁହେଁ ଗାରେ ସୋର ଅଭିମୁଖେ ଯାତ୍ରା କରିଥିବେ ***(ତାରିଖେ ତିବ୍‌ରୀ, ଖଣ୍ଡ-୧, ପୃ-୫୬୮.... ବେରୁତ ୧୯୮୭)*** । ଗୋଟିଏ ରିଓ୍ୱାୟତ୍‌ରେ ଆସିଛି ଯେ ନବୀ କରିମ୍ ସ:ଆ:ସ ନିଜ ଘରୁ ଗାରେ ସୋର୍ ଆଡ଼କୁ ବାହାରିଲେ ଓ କିଛି ସମୟ ପରେ ହଜରତ ଅବୁବକର ର:ଅ ମହାଭାଗ ସ:ଆ:ସଙ୍କ ଘରେ ପହଂଚିଲେ ତ ହଜରତ ଅଲୀ ର:ଅ ତାଙ୍କୁ କହିଲେ ଯେ ସେ ତ ଚାଲିଗଣେଣି ଓ ଗାରେ ସୋର୍ ଆଡ଼କୁ ଯାଇଛନ୍ତି । ତେଣୁ ଆପଣ ମଧ୍ୟ ତାଙ୍କ ପଛେ ପଛେ ଚାଲିଯାଆନ୍ତୁ । ସୁତରାଂ ହଜରତ ଅବୁବକର ର:ଅ ନବୀ କରିମ୍ ସ:ଆ:ସଙ୍କ ପଛେ ପଛେ ଗଲେ ।" ***(ସିରତୁଲ୍ ହଲ୍‌ବିୟା, ଖଣ୍ଡ-୨, ପୃ-୪୭...... ବେରୁତ ୨୦୦୮)***

ସେ ଯାହା ହେଉ ନା କାହିଁକି ଏହି ରିଓ୍ୱାୟତ୍ ବହୁତ ଦୃବଳ ଜଣାପଡୁଛି । ଏଥିରୁ ଏହା ଜଣାପଡୁଛି ଯେ ସତେ ଯେପରି ନବୀ କରିମ୍ ସ:ଆ:ସ ହଜରତ ଅବୁବକର ର:ଅଙ୍କୁ ଅପେକ୍ଷା କରୁଥିଲେ ଓ ସେ ବିଳମ୍ବ କରିଦେଲେ ଏବଂ ହଜରତ ଅବୁବକର ର:ଅଙ୍କୁ ଏକଥା ମଧ୍ୟ ଜଣାନଥିଲା ଯେ ନବୀ କରିମ୍ ସ:ଆ:ସ କେଉଁ ଆଡ଼େ ଯାଇଛନ୍ତି ଓ ତାଙ୍କୁ ସବୁକିଛି ହଜରତ ଅଲୀ ର:ଅ ବର୍ତମାନ ବତାଉଛନ୍ତି । ହିଜ୍‌ରତ୍ ପରି ଗୁରୁତ୍ୱପୂର୍ଣ୍ଣ ଓ ଗୁପ୍ତ ଯାତ୍ରା ଏବଂ ହଜରତ ଅବୁବକର ର:ଅଙ୍କ ପରି ବୁଦ୍ଧିମାନ ବ୍ୟକ୍ତି ଏପରି ଅବହେଳା ପ୍ରଦଶର୍ନ କରିଥିବେ, ଏହା ସମ୍ଭବ ନୁହେଁ । ତେଣୁ ଏହି ରିଓ୍ୱାୟତ୍ ଅପେକ୍ଷା ଅନ୍ୟ ରିଓ୍ୱାୟତ୍ ଅଧିକ ସଠିକ୍ ଓ ଯୁକ୍ତିଯୁକ୍ତ ଜଣାପଡୁଛି କାରଣ ତା ମୁତାବକ ଆଁ ହଜରତ ସ:ଆ:ସ ନିଜ ଘରୁ ବାହାରି ସିଧା ହଜରତ ଅବୁବକର ର:ଅଙ୍କ ଘରକୁ ଚାଲିଯାଇଥିଲେ ଏବଂ ସେଠାରୁ ହଜରତ ଅବୁବକର ର:ଅଙ୍କ ସହିତ ଗାରେ ସୋର୍ ଆଡ଼କୁ ବାହାରିଥିଲେ । ***(ସିରତୁନ୍ ନବଓ୍ୱିୟା ଲେ ଇବ୍‌ନେ ହୁଶାମ, ପୃ-୩୪୩..... ବେରୁତ ୨୦୦୧)***

ଏହି ଅବସରରେ ହଜରତ ଅବୁବକର ର:ଅଙ୍କ ଦୁଇଜଣ ନିଷ୍ଠାପର ଝିଅ ହଜରତ ଆଇଶା ର:ଅ ଓ ହଜରତ ଅସ୍‌ମାଆ ର:ଅ ଏହି ଯାତ୍ରା ନିମନ୍ତେ ଶୀଘ୍ର ଶୀଘ୍ର ଖାଦ୍ୟ ପ୍ରସ୍ତୁତ କରିସାରିଥିଲେ, ସେହି ଖାଦ୍ୟରେ ଭଜାଯାଇଥିବା ଛେଳି ମାଂସ ମଧ୍ୟ ଥିଲା । ସଂକଟ ପୂର୍ଣ୍ଣ ପରିସ୍ଥିତି ଓ ତତ୍ପରାତ ଯୋଗଁ ଖାଇବା ପାତ୍ର ଯାହା ଚମଡ଼ାର ଥିଲା, ସେଥିରେ ବାନ୍ଧିବା ପାଇଁ କିଛି ମିଳିଲା ନାହିଁ । ତେରଉ ହଜରତ ଅସ୍‌ମାଆ ର:ଅ ନିଜର ଅଂଟାରେ ଥିବା ଅଂଟା ସୂତାକୁ ଖୋଲି ଦୁଇ ଖଣ୍ଡ କଲେ ଓ ଖାଇବା ଥଳିକୁ ବାନ୍ଧି ଦେଲେ । ଖଣ୍ଡକରେ ଖାଇବା ଥଳି ଓ ଅନ୍ୟ ଖଣ୍ଡରେ ଚମଡ଼ାରେ ତିଆରି ପାଣିପାତ୍ରର ମୁହଁକୁ ବାନ୍ଧିଦେଲେ । ***(ସହି ବୁଖାରୀ, କିତାବୁଲ୍ ଜିହାଦ୍ ଓ୍ୱଲ୍ ସୈର୍......ରିଓ୍ୱାୟତ୍ ନଂ-୨୯୭୯)*** ***(ଶରହ୍ ଜର୍‌କାନୀ....... ଖଣ୍ଡ-୨, ପୃ-୧୦୭......... ବେରୁତ ୧୯୯୬)*** ନବୀ କରିମ୍ ସ:ଆ:ସ ଯିଏ ଏପରି ପ୍ରେମପୂର୍ଣ୍ଣ ଓ ନିଷ୍ଠାପର ମୁହୁର୍ତଗୁଡ଼ିକୁ ବହୁତ ଧ୍ୟାନର ସହିତ ଦେଖୁଥିଲେ, କହିବାକୁ ଲାଗିଲେ ଅର୍ଥାତ ଏହା ଦେଖି ହଜୁର ସ:ଆ:ସ କହିଲେ:- ହେ ଅସ୍‌ମାଆ ! ଅଲ୍ଲାଃତାଲା ତୁମର ଏହି ଅଣ୍ଟା ସୂତା ପ୍ରତିବଦଳରେ ତୁମକୁ ବୈକୁଣ୍ଠରେ ଦୁଇଟି ଅଣ୍ଟା ସୂତା ପ୍ରଦାନ କରିବେ । ସେଥିଅନ୍ତେ ହଜରତ ଅସ୍‌ମା ର:ଅଙ୍କର ନାମ ଚିର କାଳ ପାଇଁ ଜାତୁନ୍ ନତାକ୍ ପଡ଼ିଗଲା । ***(ସୁବୁଲୁଲ୍ ହୁଦା ଓ୍ୱର୍ ରଶାଦ୍, ଖଣ୍ଡ-୩, ପୃ-୨୩୯......... ବେରୁତ ୧୯୯୩)***

ପ୍ରବାସ ଯାତ୍ରା ସମୟରେ ହଜୁର ସ:ଆ:ସ ଅହରହ ଏହି ଦୁଆ ଆବୃତି କରୁଥିଲେ; ଓ୍ୱକୁର୍ ରବ୍‌ବି ଅଦ୍‌ଖିଲ୍‌ନି ମୁଦ୍‌ଖଲା ସିଦ୍‌କିଉଁ ଓଅଖ୍‌ରିଜ୍‌ନି ମୁଖ୍‌ରଜା ସିଦ୍‌କିଉଁ ଓଜ୍‌ଅଲ୍‌ଲି ମିଲ୍‌ଲଦୁନ୍‌କା ସୁଲ୍‌ତାନନ୍ ନସିରା (ବନି ଇସ୍ରାଇଲ୍ ୧୭:୮୧) ଅର୍ଥାତ ଏବଂ ତୁମେ କହଦିଅ ହେ ଆମ୍ଭର ପାଳନକର୍ତା ! ଆମ୍ଭର (ମକ୍କା ସହରରେ) ପ୍ରବେଶକୁ ସତ୍ ପ୍ରବେଶ କରାଅ ଓ (ମକ୍କା ସହରରୁ) ଆମ୍ଭର ପ୍ରସ୍ଥାନକୁ ମଧ୍ୟ ସତ୍ ପ୍ରସ୍ଥାନ କରାଅ । ଏବଂ ଆମ୍ଭ ପାଇଁ ତୁମ୍ଭ ନିକଟରୁ ଜଣେ ସୁଦକ୍ଷ ସାହାଯ୍ୟକାରୀ ପ୍ରଦାନ କର । ***(ଅଲ୍‌ଖଲିଫା ଅଓ୍ୱଲ୍ ଅବୁ ବକର୍ ସିଦ୍ଦିକ୍ ଲିଦ୍ କତୁର୍ ଅଲୀ ମୁହମ୍ମଦ ଅସ୍ ସଲାବି, ପୃ-୪୭..... ବେରୁତ ୨୦୦୬)***

ଏହିପରି ନିମ୍ନଲିଖିତ ଦୁଆ (ପ୍ରାର୍ଥନା)ର ମଧ୍ୟ ଚର୍ଚ୍ଚା ମିଳୁଛି ଯେ:- **ଅଲ୍‌ହମ୍‌ଦୁ ଲିଲ୍ଲାଃଲିଲ୍ ଲଜି ଖଲକନି ଓ୍ୱଲମ୍ ଅକୁ ଶୈୟା....... ଓ୍ୱଲା ହୌଲା ଓ୍ୱଲା କୁଓ୍ୱତା ଇଲ୍ଲା ବିକା** ଅର୍ଥାତ:- ସମସ୍ତ ପ୍ରଶଂସା ଅଲ୍ଲାଃଙ୍କ ନିମନ୍ତେ, ଯିଏ ମତେ ଜନ୍ମ ଦେଇଛନ୍ତି ଏବଂ ମୁଁ କିଛି ବି ନଥିଲି । ହେ ଅଲ୍ଲାଃ ସଂସାରର ଭୟ ଓ ସାଂସାରୀକ ଦୁଃଖ କଷ୍ଟ ଏବଂ ରାତି ଓ ଦିନର ବିପତି ସମୟରେ ମତେ ସାହାଯ୍ୟ କରନ୍ତୁ । ହେ ଅଲ୍ଲାଃ ! ମୋ ଯାତ୍ରାରେ ତୁମ୍ଭେ ହିଁ ମୋର ସାଥି ହୋଇଯାଅ ଏବଂ ମୋ ଘର ଲୋକମାନଙ୍କ ପାଇଁ ମୋର ତୁମ୍ଭେ ଉତରାଧିକାରୀ ହୋଇଯାଅ ଏବଂ ଯାହା କିଛି ତୁମ୍ଭେ ମତେ ଅର୍ପଣ କରିଛ, ସେଥିରେ ମୋ ପାଇଁ ମଙ୍ଗଳ ରଖନ୍ତୁ । ମତେ ତୁମ୍ଭେ ନିଜ ଅଧିନରେ ରଖନ୍ତୁ । ମତେ ମୋର ଉତମ ଗଠନ ଯୋଗୁଁ ମଜ୍‌ଭୁତ୍ କରିଦିଅ । ମୋତେ ମୋ ପ୍ରଭୁଙ୍କ ପ୍ରୀୟତମ ବନାଇ ଦିଅ । ମତେ ଲୋକମାନଙ୍କ ଅଧିନରେ ଛାଡ଼ିଦିଅ ନାହିଁ । ତୁମ୍ଭେ ହେଉଛ ଦୃବଳମାନଙ୍କ ପ୍ରଭୁ ଏବଂ ମୋର ମଧ୍ୟ ପ୍ରଭୁ । ତୁମ୍ଭ ଶ୍ରୀମୂଖ ଦ୍ୱାରା ଆକାଶ ଓ ପୃଥିବୀ ଆଲୋକିତ ହୋଇଛନ୍ତି ଓ ସେଥିଯୋଗୁଁ ଅନ୍ଧକାର ଦୂର ହୋଇଯାଇଛି । ଏତଦ୍‌ଦ୍ୱାରା

ପୂର୍ବ ଓ ପର ସମସ୍ତଙ୍କର ମାମଲା ସୁଧୁରି ଗଲା । ମୁଁ ତୁମ୍ଭ କ୍ରୋଧରୁ ବଂଚିବା ପାଇଁ ଶରଣ ଭିକ୍ଷା କରୁଛି ତଥା ତୁମ୍ଭ ଅପ୍ରସନ୍ନତା ନ ହେବା ପାଇଁ ଶରଣ ମାଗୁଛି । ତୁମ୍ଭ ଆଶୀର୍ବାଦ ଶେଷ ନ ହେବା ପାଇଁ ଓ ତୁମ୍ଭ ଅପ୍ରତ୍ୟାଶିତ ପ୍ରତିଶୋଧ ନ ନେବା ପାଇଁ ଓ ମୋ ସମ୍ବନ୍ଧରେ ତୁମ୍ଭର ଶେଷ ନିଷ୍ପତି ନ ବଦଳିବା ପାଇଁ ମୁଁ ତୁମ୍ଭର ଶରଣ ଭିକ୍ଷା କରୁଛି ।

ଯେତେବେଳେ କି ଶରଃ ଜରକାନିରେ ଗୋଟିଏ ଦୁଆର ମଧ ଚର୍ଚ୍ଚା ରହିଛି **ତହୱୁଲି ଆକିବତିକା** ସ୍ଥାନରେ **ତହୱିଲି ଆଫିୟତିକା** ଶବ୍ଦ ଆସିଛି । ଏହାର ଅର୍ଥ ହେଉଛି ତୁମ୍ଭ ଦ୍ୱାରା ପ୍ରଦାନ କରାଯାଇଥିବା କଲ୍ୟାଣ ଶେଷ ନ ହେବା ପାଇଁ ଓ ତୁମ୍ଭର ପ୍ରତ୍ୟେକ ପ୍ରକାରର ଅପ୍ରସନ୍ନତା ନ ପାଇବା ପାଇଁ ମୁଁ ଶରଣ ଚାହୁଁଛି । ***(ସୁବୁଲୁଲ୍ ହୁଦା ୱର୍ ରଶାଦ୍, ଖଣ୍ଡ-୩, ପୃ-୨୪୩......... ବେରୁତ ୧୯୯୩) (ଶରହ୍ ଜର୍କାନୀ....... ଖଣ୍ଡ-୨, ପୃ-୧୧୦......... ବେରୁତ ୧୯୯୬)***

ଖାନା କାବାର ପଶ୍ଚାତ ଭାଗରୁ ହଜୁର ସ:ଆ:ସ ଚାଲିଯିବା ସମୟରେ ମକ୍କା ଆଡ଼କୁ ନିଜର ପବିତ୍ର ମୁଖ ବୁଲାଇ କହିଲେ; ଅଲ୍ଲାଃଙ୍କ ରାଣ ! ହେ ମକ୍କା ସହର ତୁମେ ମୋତେ ସବୁଠାରୁ ଅଧିକ ପ୍ରିୟ । ଯଦି ତୋର ବାସିନ୍ଦା ମୋତେ ଏଠାରୁ ଚାଲିଯିବାକୁ ବାଧ କରି ନଥାନ୍ତେ ତେବେ ମୁଁ କଦାପି ଏଠାରୁ ବାହାରି ଯାଇ ନଥାନ୍ତି । ***(ମୁହମ୍ମଦ ରସୁଲୁଲ୍ଲାଃ....... ଖଣ୍ଡ-୩, ପୃ-୫୯...... ମିସର୍)***

ଇମାମ ବେହିକୀ ଲେଖିଛନ୍ତି; ଗାରେ ସୋର ଯିବା ମାର୍ଗରେ ହଜରତ ଅବୁବକର ର:ଅ ହଜୁର ସ:ଆ:ସଙ୍କୁ ସୁରକ୍ଷା ପ୍ରଦାନ କରିବା ସକାଶେ ଆପଣଙ୍କ ଚତୁର୍ପାର୍ଶ୍ୱରେ ସତର୍କ ଦୃଷ୍ଟି ରଖି କେବେ ଆଗକୁ ବଢୁଥିଲେ ତ ଆଉ କେବେ ପଛରେ ରହୁଥିଲେ କେବେ ବାମ ପଟେ ତ କେବେ ଡ଼ାହାରଣ ପଟେ ଯେତେବେଳେ ନବୀ କରିମ୍ ସ:ଆ:ସ ପଚାରିଲେ ସେତେବେଳେ ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ମତେ ଧ୍ୟାନ ରଖିବାକୁ ପଡୁଛି ଯେ କାଳେ କିଏ ସାମନାରୁ ଆସୁଥିବ ତେଣୁ ମୁଁ ଆପଣଙ୍କ ଆଗରେ ଚାଲୁଛି ଓ ଯେବେ ଏ ଶଙ୍କା ରହୁଛି ଯେ କାଳେ କିଏ ପଛପଟୁ ଆପଣଙ୍କ ଉପରେ ଆକ୍ରମଣ କରିଦେବ, ସେତେବେଳେ ଆପଣଙ୍କ ପଛପଟକୁ ଚାଲିଯାଉଛି । କେବେ ଡ଼ାହାଣ ତ କେବେ ବାମ ପାର୍ଶ୍ୱକୁ । ଆପଣ ଚାରିପଟୁ ସୁରକ୍ଷିତ ରୁହନ୍ତୁ । ***(ସୁବୁଲୁଲ୍ ହୁଦା ୱର୍ ରଶାଦ୍ ଖଣ୍ଡ-୩, ପୃ-୨୪୦...... ବେରୁତ ୧୯୯୩)***

ଆଉ ଏକ ବର୍ଣ୍ଣନାନୁଯାୟୀ ସେହି ପର୍ବତର ଦୁର୍ଗମ ଯାତ୍ରାରେ ହଜୁର ସ:ଆ:ସଙ୍କ ପବିତ୍ର ପାଦ ମଧ କ୍ଷତ ବିକ୍ଷତ ହୋଇ ଯାଇଥିଲା ।

***(ତାରିଖେ ତିବ୍ରୀ, ଖଣ୍ଡ-୧, ପୃ-୫୬୮...... ବେରୁତ ୧୯୮୭)***

ଗାରେ ସୋରରେ ପହଂଚିବା ପରେ ହଜରତ ଅବୁବକର ର:ଅ ଆଁ ହଜରତ ସ:ଆ:ସଙ୍କୁ କହିଲେ ଯେ ଆପଣ ଏହିଠାରେ ରୁହନ୍ତୁ ପ୍ରଥମେ ମତେ ଗୁମ୍ଫା ଭିତରକୁ ଯିବାକୁ ଦିଅନ୍ତୁ ଯଦ୍ୱାରା ମୁଁ ଭଲ ଭାବରେ ଗୁମ୍ଫାଟିକୁ ସଫା କରିଦେବି । ଯଦି କିଛି ବିପଦପୂର୍ଣ୍ଣ ବସ୍ତୁ ଥାଏ ତା' ହେଲେ ମୁଁ ତା'ର ସାମନା କରିନେବି ଅତଏବ୍ ହଜରତ ଅବୁ ବକର୍ ର:ଅ ପ୍ରତ୍ୟେକ ପ୍ରକାରର ସୁବିଧା ଓ ଅସୁବିଧା ଜାଂଚ କରିବା ପାଇଁ ପ୍ରଥମେ ସ୍ୱୟଂ ଗୁମ୍ଫା ଭିତରକୁ ଚାଲିଗଲେ ଏବଂ ଗୁମ୍ଫାକୁ ବାସୋପଯୋଗୀ କରିବା ସକାଶେ ସଫା ସୁତୁରା କଲେ । ଗୁମ୍ଫା ଭିତରେ ଯାହା କିଛି ଗାତ ଓ କଣା ଥିଲା ସେ ସବୁକୁ ନିଜ କପଡ଼ା ଦ୍ୱାରା ବନ୍ଦ କରିଦେଲେ । ସେଥିଅନ୍ତେ ହଜୁର ସ:ଆ:ସଙ୍କୁ ଭିତରକୁ ଆସିବା ପାଇଁ ଆମନ୍ତ୍ରିତ କଲେ ଉଲ୍ଲେଖ ଅଛି ଯେ ସେଠାରେ ହଜୁର ସ:ଆ:ସ ହଜରତ ଅବୁବକର ର:ଅଙ୍କ ଜଙ୍ଘ ଉପରେ ମୁଣ୍ଡ ରଖି ବିଶ୍ରାମ କଲେ । ହଜରତ ଅବୁବକର ର:ଅ ନିଜ ପାଦ ଗୋଟିଏ ଗର୍ତରେ ରଖିଦେଲେ ଯଦ୍ୱାରା ସେଥିରେ ଥିବା ଏକ ବିଛା ଅବା ସର୍ପ ହଜରତ ଅବୁ ବକର୍ ର:ଅଙ୍କୁ କାମୁଡ଼ି ଦେଲା କିନ୍ତୁ ଆପଣ ର:ଅ ତିଳେ ମାତ୍ର ଟଳମଟଳ ହେଲେ ନାହିଁ । କାରଣ କାଳେ ହଜୁର ସ:ଆ:ସଙ୍କ ଆରାମ୍‌ରେ କୌଣସି ବାଧା ଆସିଯିବ ।

ଯେତେବେଳେ ହଜୁର ସ:ଆ:ସଙ୍କ ନିଦ ଭାଙ୍ଗିଲା ସେତେବେଳେ ହଜରତ ଅବୁବକର ର:ଅଙ୍କ ଚେହେରା ରଙ୍ଗ ପରିବର୍ତନ ହୋଇଥିବା ଦେଖି କାରଣ ପଚାରିଲେ ହଜରତ ଅବୁ ବକର୍ ର:ଅଙ୍କଠାରୁ ସମସ୍ତ ଘଟଣା ଶୁଣିବା ପରେ ମହାଭାଗ ସ:ଆ:ସ ତାଙ୍କ ଆଘାତ ସ୍ଥାନରେ ନିଜ ପବିତ୍ର ଛେପ ଲେପନ କଲେ । ସେଥିଅନ୍ତେ ହଜରତ ଅବୁବକର ର:ଅଙ୍କ ପାଦ ଏପରି ପରିବର୍ତିତ ହୋଇଗଲା ଯେମିତି କିଛି ଘଟି ହିଁ ନଥିଲା ।

***(ଶରହ୍ ଜର୍କାନୀ, ଖଣ୍ଡ-୨, ପୃ-୧୨୧... ବେରୁତ ୧୯୯୬)***

ଅନ୍ୟ ପଟେ ମକ୍କାର କୁରୈଶ୍‌ମାନେ, ଯେଉଁମାନେ ହଜୁର ସ:ଆ:ସଙ୍କ ଘରକୁ ଚାରିପଟୁ ଘେରି ରହିଥିଲେ, ସେମାନଙ୍କୁ ଦେଖି ଜଣେ ଲୋକ ପଚାରିଲା ଯେ ତୁମେମାନେ ଏଠାରେ କାହିଁକି ଛିଡ଼ା ହୋଇଛ ? ପୁଣି ସେହି ଲୋକା ଜଣକ କହିଲା ମୁଁ ତ ମୁହମ୍ମଦ (ସ:ଆ:ସ)କୁ ଏହି ଗଳିରେ ଯାଉଥିବାର ଦେଖି ଆସିଲି । ଏକଥା ଶୁଣି ସେହି କୁରୈଶ୍‌ମାନେ ଥଟ୍ଟା ଓ ପରିହାସ କଲେ ଓ କହିଲେ ଯେ ସେ (ଅର୍ଥାତ ମୁହମ୍ମଦ ସ:ଆ:ସ) ତ ଘର ଭିତରେ ନିଜ ବିଛଣାରେ ଶୋଇଛି ଓ ଆମେମାନେ ଅନବରତ ତା' ଉପରେ ନଜର ରଖିଛୁ । ପୁଣି ରାତି ଅଧରେ ସେମାନେ ନିଜର ଧାର୍ଯ୍ୟ କରାଯାଇଥିବା ଯୋଜନା ମୁତାବକ ଅଚାନକ ଘର ଭିତରେ ପ୍ରବେଶ କଲେ ଓ ଚାଦର ଉଠାଇ ଦେଖିଲେ, ସେମାନେ ଦେଖିବାକୁ ପାଇଲେ ଯେ ସେ ତ ହଜରତ ଅଲୀ ର:ଅ ଅଟନ୍ତି । ତାଙ୍କୁ ପଚାରିଲେ ଯେ ମୁହମ୍ମଦ (ସ:ଆ:ସ) କାହାନ୍ତି ? ହଜରତ ଅଲୀ ର:ଅ କହିଲେ ଯେ ମୁଁ ଜାଣିନାହିଁ । ଏକଥା ଶୁଣି ମୁଶ୍‌ରିକ୍‌ମାନେ ହଜରତ ଅଲୀ ର:ଅଙ୍କୁ ଗାଳି ଗୁଲଜ କଲେ, ପାଟ୍ଟିତଣ୍ଡ କଲେ ଓ କିଛି ସମୟ ଅଟକ ରଖିବା ପରେ ଛାଡ଼ିଦେଲେ ।

ସେ ଯାହା ହେଉ ନା କାହିଁକି ଯେତେବେଳେ କୁରୈଶ ମକ୍କାବାସୀଙ୍କୁ ହଜୁର ସ:ଆ:ସଙ୍କ ଶେଯରେ ହଜରତ ଅଲୀ ର:ଅ ମିଳିଲେ । ସେମାନେ ଆପଣଙ୍କୁ ମାଡ଼ ମାରି ଛାଡ଼ିଦେଲେ ଏବଂ ସେଠାରୁ କ୍ରୋଧିତ ଅବସ୍ଥାରେ ଫେରିଯାଇ ମକ୍କାର ଗଳିକନ୍ଦିରେ ଘର ଘର ବୁଲି ମହାଭାଗ ସ:ଆ:ସଙ୍କୁ ଖୋଜିବାକୁ ଲାଗିଲେ ।

***(ତାରିଖୁଲ୍ ଖମିସ୍, ଖଣ୍ଡ-୨, ପୃ-୧୦...... ବେରୁତ ୨୦୦୯)***

ଏହି ଅବଧିରେ ସେହି ମୁଶ୍‌ରିକ୍‌ମାନେ ହଜରତ ଅବୁବକର ର:ଅଙ୍କ ଘରକୁ ବି ଆସିଲେ ହଜରତ ଅସମା ର:ଅଙ୍କୁ ମଧ ସେମାନେ ଧରି ପଚରା ଉଚରା କଲେ ଓ ଅବୁ ଜହଲ୍ ତାଙ୍କୁ ଅର୍ଥାତ ହଜରତ ଅସ୍‌ମାଆ ର:ଅଙ୍କୁ ପଚାରିଲେ ତୁମ ବାପା ଅବୁ ବକର୍ କାହାନ୍ତି ? ସେ କହିଲେ ମୁଁ ଜାଣିନାହିଁ ସେ କୁଆଡ଼େ ଯାଇଛନ୍ତି । ଏଥିରେ ଏହି ଦୁଷ୍ଟ ଅବୁ ଜହଲ୍ ଖୁବ୍ ଜୋରରେ ଏକ ଚାପୁଡ଼ା ମାରିଲା ଯଦ୍ୱାରା ତାଙ୍କ କାନଫୁଲ ଭାଙ୍ଗିଗଲା । ପୁଣି କ୍ରୋଧରେ ଜର୍ଜରିତ ହୋଇ ସେମାନେ ସମସ୍ତେ ସେଠାରୁ ଚାଲିଗଲେ । ***(ସିରତୁନ୍ ନବୱିୟା ଲେ ଇବ୍‌ନେ ହୁଶାମ୍, ପୃ-୩୪୪.... ବେରୁତ ୨୦୦୧)***

ମକ୍କାକୁ ସମ୍ପୂର୍ଣ୍ଣ ରୂପେ ତଲାଶ୍ କରିବା ପରେ ସେଥିରେ ଅସଫଳ ହୋଇ ପ୍ରବୀଣ ଖୋଜି (ଅର୍ଥାତ ସୁରକ୍ଷା ସନ୍ଧାନକାରୀ)ମାନଙ୍କୁ ମକ୍କାର ଚତୁଃପାର୍ଶ୍ୱକୁ ସନ୍ଧାନ କରିବା ପାଇଁ ପଠାଇଲେ । ମକ୍କାରା ରଇସ୍ ଉମୈୟା ବିନ୍ ଖଲଫ୍ ସେ ନିଜେ ଜେଣ ପ୍ରବୀଣ ଖୋଜିକୁ ସାଥିରେ ଧରି ନିଜ ସାଙ୍ଗ ସାଥିମାନଙ୍କ ସହିତ ଗୋଟିଏ ଆଡ଼କୁ ବାହାରିଲା । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେହି ଖୋଜି (ସନ୍ଧାନକାରୀ) ଜଣକ ବହୁତ ପ୍ରବୀଣ ଥିଲା । ତାକୁ ଯେତେ ବି ପ୍ରଶଂସା କରାଯିବ କମ୍ ହେବ । କାରଣ ସେ ଏକା ହିଁ ଏପରି ସନ୍ଧାନକାରୀ ଥିଲା ଯିଏ ନବୀ ଅକ୍‌ରମ୍ ସ:ଆ:ସଙ୍କ ପାଦର ଗୋଟିଏ ଗୋଟିଏ ଚିହ୍ନକୁ ସନ୍ଧାନ କରି ଅର୍ଥାତ ଅନ୍ୱେଷଣ କରି ସେହି ଗୁମ୍ଫାର ମୁହଁ ନିକଟରେ ପହଂଚିଗଲା ଏବଂ କହିଲଶ ଯେ ମୁହମ୍ମଦର ପାଦ ଚିହ୍ନ ଏହି ପର୍ଯ୍ୟନ୍ତ ହିଁ ପଡ଼ିଛି ଏହା ଠାରୁ ଆଗକୁ ଯାଇନାହିଁ । ଅଲ୍ଲାମା ବଲାଜରି ସେହି ଖୋଜି (ସନ୍ଧାନକାରୀ)ର ନାମ ଅଲ୍‌କମା ବିନ୍ କୁର୍‌ଜ୍ ବର୍ଣ୍ଣନା କରିଛନ୍ତି । ସେ ଲେଖିଛନ୍ତି ଯେ ଫତହ୍ ମକ୍କା (ମକ୍କା ବିଜୟ) ଅବସରରେ ସେହି ସନ୍ଧାନକାରୀ ଜଣକ ଇସ୍‌ଲାମ୍ ଗ୍ରହଣ କରିଥିଲେ । ଗାରେ ସୋର୍‌ର ମୁହଁ ନିକଟରେ ଏହି ଲୋକମାନେ ଛିଡ଼ା ହୋଇ କଥାବାର୍ତା କରୁଥିଲେ ଏବଂ ସେହି ଦୁଇଜଣ ହିଜ୍‌ରତ୍‌କାରୀ (ଅର୍ଥାତ ହଜରତ ମୁହମ୍ମସ ସ:ଆ:ସ ଏବଂ ହଜୁର ଅନୱର ଅ:ବ:ଅ) ସେହି ଗୁମ୍ଫା ଭିତରେ ନା କେବଳ ଲୁଚି ରହିଥିଲେ ବରଂ ସେମାନଙ୍କର (ଅର୍ଥାତ ଶତ୍ରୁମାନଙ୍କର) କଥା ମଧ ଶୁଣୁଥିଲେ । ହଜୁର ଅନୱର ଅ:ବ:ଅ ବର୍ଣ୍ଣନା କରିଛନ୍ତି ଯେ ମୁଁ ସେମାନଙ୍କ ପାଦଗୁଡ଼ିକୁ ମଧ ଦେଖୁଥିଲି । ଅଲ୍ଲାଃଙ୍କ ରାଣ ! ଯଦି ସେମାନଙ୍କ ମଧରୁ ଜଣେ ବି ଗୁମ୍ଫା ଭିତରୁକ ଉଣ୍ଡି ଦେଖିଥାନ୍ତା ତା ହେଲେ ଆମେ ଧରା ପଡ଼ିଯାଇଥାନ୍ତୁ । କିନ୍ତୁ ବିପଦ ଓ ମୁସବିତ୍‌ର ସେହି ସମୟରେ ସେମାନେ ଦୁଇଜଣ ଏକା ନଥିଲେ ବରଂ ତୃତୀୟ ଜଣକ ଯିଏ ତାଙ୍କ ସହିତ ଥିଲା ସେ ହେଉଛନ୍ତି ସ୍ୱୟଂ ଅଲ୍ଲାଃ ଯାହାଙ୍କ ଆୟତରେ ପୃଥିବୀ ଓ ଆକାଶ ଅଛନ୍ତି ଏବଂ ଯିଏ ହେଉଛନ୍ତି ସର୍ବଶକ୍ତିମାନ ।

***(ସୁବୁଲୁଲ୍ ହୁଦା ୱର୍ ରଶାଦ୍, ଖଣ୍ଡ-୩, ପୃ-୨୪୧........ ବେରୁତ ୧୯୯୩) (ସହି ବୁଖାରୀ...... ରିୱାୟତ୍ ନଂ-୩୬୫୩)***

ଅଲ୍ଲାଃତାଲା ଗୋଟିଏ ପଟେ ସେହି ସନ୍ଧାନକାରୀ ଆସିବା ପୂର୍ବରୁ ହିଁ ନିଜର ଶକ୍ତି ଦ୍ୱାରା ଗୋଟିଏ ଗଛ ସୃଷ୍ଟି କରିଦେଲେ ଓ ଏଭଳି ସଙ୍କଟାପନ୍ନ ଅବସ୍ଥାରେ ପ୍ରଭୁଙ୍କ ଆଦେଶରେ ଏକ ବୁଢ଼ିଆଣୀ ଆସି ଗୁମ୍ଫା ମୁହଁରେ ଜାଲ ବୁଣିଦେଲା ଏବଂ ହଳେ କାବୁତି ଚଢ଼େଇ ଆସି ନିଜର ବସା ବାନ୍ଧି ଅଣ୍ଡା ମଧ ଦେଇ ଦେଲେ । ***(ଅଲ୍‌ମୁହାହିବୁଲ୍ ଦୁନ୍‌ୟା ଅଲ୍ଲାମା କୁସ୍‌ତୁଲାନୀ, ଖଣ୍ଡ-୧, ପୃ-୨୯୨-୨୯୩..... ବେରୁତ ୨୦୦୪)***

ସେ ଯାହା ହେଉ ତା'ପରେ ଖୁଦାତାଲା କିପରି ଆଁ ହଜରତ ସ:ଆ:ସଙ୍କୁ ସାନ୍ତ୍ୱନା ଦେଲେ ତଥା ଏହି ସମସ୍ତ କଥା ଦେଖିବା ପରେ ଅଲ୍ଲାଃ ତାଲାଙ୍କ ଆଦେଶାନୁଯାୟୀ ଆଁ ହଜରତ ସ:ଆ:ସ ହଜରତ ଅବୁ ବକର୍ ର:ଅଙ୍କୁ କିପରି ସାନ୍ତ୍ୱନା ଦେଲେ ସେଥିଅନ୍ତେ ହଜୁର ଅନୱର ଅ:ବ:ଅ କହିଲେ; ଏହି ପରିପ୍ରେକ୍ଷୀରେ ଅଧିକ ଚର୍ଚ୍ଚା ଇନ୍‌ଶା ଅଲ୍ଲାଃ ଆସନ୍ତାରେ ହେବ ।

⌘⌘⌘⌘⌘⌘⌘⌘⌘⌘

## ୧୭ ଡ଼ିସେମ୍ବର ୨୦୨୧ ଖୁତ୍‌ବାରେ ଅବଶିଷ୍ଟାଂଶ

ସେହିପରି ଆଉ ଏକ ରିୱାୟତ୍ ମିଳୁଛି ଯେ ଯେତେବେଳେ ବକର୍ ବିନ୍ ୱାଇଲ୍ କବିଲା ହଜ୍ କରିବା ପାଇଁ ମକ୍କା ଆସିଲା ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଅବୁ ବକର୍ ର:ଅଙ୍କୁ କହିଲେ ଯେ ସେମାନଙ୍କ ନିକଟକୁ ଯାଅ ଓ ମତେ ସେମାନଙ୍କ ସମ୍ମୁଖରେ ଉପସ୍ଥାପନ କର ଅର୍ଥାତ- ତବ୍‌ଲିଗ୍ କର। ମହାଭାଗ ସ:ଆ:ସଙ୍କ ଦାବିକୁ ପେଶ୍ କରନ୍ତୁ। ହଜ୍‌ରତ୍ ଅବୁ ବକର୍ ର:ଅ ସେମାନଙ୍କ ନିକଟକୁ ଗଲେ ଓ ନବୀ କରିମ୍ ସ:ଆ:ସଙ୍କୁ ସେମାନଙ୍କ ଆଗରେ ପେଶ୍ କଲେ। ଏଥିରେ ମହାଭାଗ ସ:ଆ:ସ ସେମାନଙ୍କୁ ଇସ୍‌ଲାମ୍‌ର ବାର୍ତା ପହଂଚାଇଲେ। ***(ଅସ୍‌ସିରତୁଲ୍ ହଲ୍‌ବିୟା, ଖଣ୍ଡ-୨, ପୃ-୭...... ବେରୁତ ୨୦୦୨)***

ହଜୁର ଅନଓ୍ୱର ଅ:ବ:ଅ କହିଲେ; ହଜରତ ଅବୁବକର ର:ଅଙ୍କ ଜୀବନୀ ଚର୍ଚ୍ଚା ଆଗକୁ ମଧ୍ୟ ଅବ୍ୟାହତ ରହିବ ବର୍ତମାନ ମୁଁ ଆଫଗାନୀସ୍ତାନ ଓ ପାକିସ୍ତାନରେ ବସବାସ କରୁଥିବା ଅହେମଦିମାନଙ୍କ ପାଇଁ ଦୁଆ କରିବାକୁ ଆହ୍ୱାନ ଦେଉଛି । କାରଣ ଆଫଗାନୀସ୍ତାନର ଅହେମଦିମାନେ ଅତି ସଂଙ୍କଟାପର୍ଣ୍ଣ ଅବସ୍ଥା ମଧ୍ୟ ଦେଇ ଗତି କରୁଛନ୍ତି । କେତେକ ଅହେମଦିଙ୍କୁ ସେଠାରେ ଗିରଫ୍ ମଧ୍ୟ କରାଯାଇଛି, ତାଙ୍କ ମହିଳା ଓ ପିଲାମାନେ ଘରେ ବେଶ୍ ଦୁଃଖ କଷ୍ଟରେ କାଳତିପାତ କରୁଛନ୍ତି । ଆଉ ଯେଉଁ ପୁରୁଷମାନେ ଘର ଛାଡ଼ି ଏଣେତେଣେ ପଳାୟନ କରିଛନ୍ତି, ଯାହାଙ୍କୁ ଗିରଫ୍ କରାଯାଇ ନାହିଁ, ସେମାନଙ୍କ ଉପରେ ମଧ୍ୟ ଏହି ବିପତି ଲାଗି ରହିଛି ଯେ ତାଙ୍କୁ ଦେଖିଲା ମାତ୍ରେ ଗିରଫ୍ କରିନେବେ। ଅଲ୍ଲାଃତାଲା ସେମାନଙ୍କ ପାଇଁ ସରଳ ମାର୍ଗ ଉନ୍ମୁକ୍ତ କରିଦିଅନ୍ତୁ ଏବଂ ସେମାନଙ୍କୁ ଏହି ବିପତିରୁ ଉଦ୍ଧାର କରନ୍ତୁ।

ପୁନଶ୍ଚ ପାକିସ୍ତାନର ଅବସ୍ଥା ମଧ୍ୟ କିଛି କମ୍ ନାହିଁ ସେଠାରେ ତ ସର୍ବଦା ଏପରି ଉତ୍କଟ ପରିସ୍ଥିତି ଅବ୍ୟାହତ ରହିଛି । କୌଣସି ନା କୌଣସି ସ୍ଥାନରେ କିଛି ନା କିଛି ଘଟଣା ଘଟିଯାଇଥାଏ । ଅର୍ଥାତ ଅହେମଦିମାନେ ଶୋଷଣର ଶିକାର ହୋଇଚାଲିଛନ୍ତି । ତେଣୁ ସାମୁହିକ ରୂପେ ଦୁଆ କରିବେ ଯେ ଅଲ୍ଲାଃତାଲା ସମଗ୍ର ବିଶ୍ୱବାସୀଙ୍କୁ ହଜରତ ମସିହ ମଉଦ ଆ:ସଙ୍କୁ ଚିହ୍ନି ଆପଣଙ୍କୁ ସ୍ୱୀକାର କରିବାକୁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃତାଲା ସମସ୍ତ ପ୍ରକାରର ଉପଦ୍ରବର ମୂଳୋତ୍ପାଟନ କରିଦିଅନ୍ତୁ ଏବଂ ସଂସାରବାସୀ ନିଜ ସୃଷ୍ଟିକର୍ତାଙ୍କୁ ଚିହ୍ନି ନିଅନ୍ତୁ । (ଆମିନ୍)

ସେଥିଅନ୍ତେ ପ୍ରିୟ ହଜୁର ଅନଓ୍ୱର ଅ:ବ:ଅ କହିଲେ; ବର୍ତମାନ ମୁଁ କିଛି ଜନାଯାଃ ଗାଏବ ମଧ୍ୟ ପାଠ କରାଇବି । ସେଥିମଧ୍ୟରେ ଶ୍ରୀମାନ ଅଲ୍ ହାଜ୍ ଅବ୍‌ଦୁର ରହେମାନ୍ ୱୈନୀ ସାହେବ ପୂର୍ବତନ ସେକ୍ରେଟେରୀ ଉମୁରେ ଆମା ଓ ଅଫସର୍ ଜଲସା ସାଲାନା ଘାନାଙ୍କର ଅଟେ ଏକାଅଶୀ (୮୧) ବର୍ଷ ବୟସରେ ତାଙ୍କର ଦେହାନ୍ତ ହୋଇଗଲା **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।** ତାଙ୍କ ମାଆ ବାପା ଦୁଇଜଣଯାକ ଅହେମଦୀ ଥିଲେ । ସେମାନେ ଅହେମଦୀୟତ୍ ଗ୍ରହଣ କରିଥିଲେ । ସେ ମିସର ଦେଶରୁ ଉଚ୍ଚ ଶିକ୍ଷା ଗ୍ରହଣ କରିଥିଲେ ଓ ତା'ପରେ ସେ ନିଜର କର୍ମ ଆରମ୍ଭ କରିଥିଲେ । ପୁଣି ଏଠି ଘାନା ଆସି ଭିନ୍ନ ଭିନ୍ନ ବଡ଼ ବଡ଼ କର୍ମାନରେ ମ୍ୟାନେଜର ଭାବରେ କାମ କଲେ । ପୁଣି ସେ ନାଇଜେରିଆ ଦେଶରେ ମଧ୍ୟ କିଛି ସମୟ କାର୍ଯ୍ୟ କରିଛନ୍ତି । ତା'ପରେ ସେ ନିଜର କମ୍ପାନୀ ଖୋଲିଲେ । ସେଥିରେ ସେ ମ୍ୟାନେଜିଂ ଡ଼ାଇରେକ୍ଟର ଥିଲେ । ସେ ବହୁତ ପୂଣ୍ୟବନ୍ତ ଓ ନିଷ୍ଠାପର ବ୍ୟକ୍ତି ଥିଲେ । ତାଙ୍କୁ ଜମାତ୍‌ର ଖୁବ୍ ସେବା କରିବାର ସୌଭଗ୍ୟ ମିଳିଛି । ସାରା ଜୀବନ ସେ ଜମାତ୍‌ର ହିତକୁ ନିଜ ହିତ ଉପରେ ଅଗ୍ରାଧିକାରୀ ଦେଇଛନ୍ତି । ବିଭିନ୍ନ ପଦବୀରେ ରହି ଜମାତ୍‌ର ଖିଦ୍‌ମତ୍ (ସେବାକାର୍ଯ୍ୟ) କରିଛନ୍ତି । ସର୍ବଦା ଅମୀର୍ ଜମାତ୍‌ଙ୍କ କଥରେ ପରିଚାଳିତ ହେବାକୁ ନିଜର ଗୌରବ ଭାବିଛନ୍ତି । ଅଧିକାଂଶ ସମୟ ସକାଳୁ ଉଠି ପ୍ରଥମେ ଅମୀର୍ ଯମାତ୍‌ଙ୍କ ସହିତ ସାକ୍ଷାତ କରନ୍ତି । ଯଦି କୌଣସି ଜମାତି କାମ ଥାଏ ତେବେ ତାହା ପ୍ରଥମେ ଶେଷ କରନ୍ତି ତା'ପରେ ନିଜ କାମକୁ ଯାଆନ୍ତି । ସେ ଗ୍ରେଟର୍ ଆକ୍ରା ରିଜିଅନ୍ (Greater Accra Region) ରେ ବହୁ ସମୟ ଧରି ସଦର ଜମାତ୍ ଥିଲେ । ପୁଣି ୧୯୮୯ ମସିହାରୁ ନେଇ ୧୯୯୮ ପର୍ଯ୍ୟନ୍ତ ମଜ୍‌ଲିସ୍ ଅନ୍‌ସାରୁଲ୍ଲାଃର ସଦର ଥିଲେ । ପୁଣି ସେକ୍ରେଟାରୀ ଉମୁରେ ଆମା ଭାବରେ ବହୁଦିନ ପର୍ଯ୍ୟନ୍ତ କାମ କରିଛନ୍ତି । ପୁଣି ଅଫିସର୍ ଜଲ୍‌ସା ସାଲାନା ଭାବରେ ଦାୟିତ୍ୱ ତୁଲାଇବାର ସୌଭାଗ୍ୟ ତାଙ୍କୁ ମିଳିଛି । ମୃତ୍ୟୁ ପର୍ଯ୍ୟନ୍ତ ସେ ନ୍ୟାସନାଲ୍ ଟ୍ରଷ୍ଟି ଭାବରେ ସେବା କରିବାର ଗୌରବ ପାଇଥିଲେ ।

ପ୍ରତ୍ୟେକ ଲୋକର ସାହାଯ୍ୟ ପାଇଁ ସର୍ବଦା ତତ୍ପର ଥିଲେ । ନିଜର ପରିବାର ବର୍ଗଙ୍କ ମଧ୍ୟରେ ସହାନୁଭୂତି ସିମୀତ ନଥିଲା ବରଂ ତାଙ୍କର ଅନୁଗ୍ରହ ସମସ୍ତଙ୍କ ପାଇଁ ଥିଲା । ସେ ଜମାତ୍‌ର ନିଷ୍ଠାପର ଓ ଖିଲାଫତ୍‌ର ପ୍ରେମୀ ଥିଲେ । ସର୍ବଦା ଜମାତ୍‌ର ହିତକୁ ଅନ୍ୟ ଜିନିଷ ଉପରେ ଅଗ୍ରାଧିକାର ଦେଉଥିଲେ । କେବେ ବି ମୁଖାଲିଫତ୍ ଅର୍ଥାତ ଜମାତ୍‌ର ବିରୋଧକୁ ପରବାଏ କରୁନଥିଲେ । ତହଜ୍ଜୁଦ୍ ନମାଜ ନିୟମିତ ପାଠ କରୁଥିଲେ । ଘରେ ରୁହନ୍ତୁ ବା ବାହାରେ ସର୍ବଦା ତହଜ୍ଜୁଦ୍ ପାଠ କରୁଥିଲେ । ସେ ମୁସି ଥିଲେ । ଚାନ୍ଦା ନିୟମିତ ପଇଠ କରୁଥିଲେ । ତାଙ୍କ ଅନ୍ତେ ତାଙ୍କର ପତ୍ନୀଙ୍କ ବ୍ୟତୀତ ପାଂଚଜଣ ପୁତ୍ର ଓ ପାଂଚଜଣ ଝିଅ ଅଛନ୍ତି ।

ଘାନାର ମୁରବୀ ସିଲ୍‌ସିଲା ହାଫିଜ୍ ମୁବଶିର୍ ଅହେମଦ ଲେଖିଛନ୍ତି ଯେ ସେ ଅତ୍ୟନ୍ତ ବୁଦ୍ଧିମାନ ବ୍ୟକ୍ତି ଥିଲେ । ବହୁତ ସଂକ୍ଷେପରେ ଯୁକ୍ତିପୂର୍ଣ୍ଣ କଥା କହୁଥିଲେ । ତୁରନ୍ତ ମାମଲାର ରହସ୍ୟ ପର୍ଯ୍ୟନ୍ତ ପହଂଚିଯାଉଥିଲେ । ବୋର୍ଡ଼ର ମିଟିଙ୍ଗ ଚାଲିଥିବା ବେଳେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ରାୟ ଦେଉଥିଲେ । ଗୋଟିଏ ମାମଲା ଥିଲା ଯାହାକୁ ଲମ୍ବା କରାଯାଉଥିଲା । ସେ ନୀରବରେ ତାହା ଶୁଣୁଥିଲେ । ଯେତେବେଳେ ତାଙ୍କ ପାଳି ଆସିଲା, ସେ କହିଲେ ଯେ ଏ ସମ୍ବନ୍ଧରେ ଖଲିଫାଙ୍କ ନିକଟରୁ ନିଷ୍ପତି ଆସି ସାରିଛି ତେଣୁ ଆମକୁ ଏଥିରେ ଯୁକ୍ତି କରିବାର ଆବଶ୍ୟକ ହିଁ ନାହିଁ । ଏଥିପାଇଁ କି ଯେବେ ଖଲିଫାଙ୍କ ନିକଟରୁ କୌଣସି ନିଷ୍ପତି ଆସେ, ପୁଣି ସେ ସମ୍ବନ୍ଧରେ ରାୟ ଦେସବା ଉଚିତ ନୁହେଁ ବରଂ ଆମକୁ ତା ଉପରେ ଗୋଟାପଣେ ପରିଚାଳିତ ହେବା ଉଚିତ । ହଜୁର ଅନଓ୍ୱର କହିଲେ ଦେଖନ୍ତୁ ଏହିଭଳି ନିଷ୍ଠାବାନ୍ ଲୋକଙ୍କୁ ଅଲ୍ଲାଃ ତାଲା ଦୂର ଦୂରାନ୍ତ ଇଲାକାରେ ମଧ୍ୟ ଆମକୁ ଦେଇଛନ୍ତି ।

ଦ୍ୱିତୀୟ ଜନାଯାଃ ଶ୍ରୀମାନ ଅୟଯାବ୍ ଅଲୀ ମୁହମ୍ମଦ ଅଲ୍‌ଜବାଲି ସାହେବ ଉର୍ଦୁନ ନିବାସୀଙ୍କର ଯାହାଙ୍କର ଦେହାନ୍ତ ବିଗତ ଦିନ ହୋଇଯାଇଛି **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।** ସେ ଉର୍ଦୁନ୍ ଜମାତ୍‌ର ସଦସ୍ୟ ଥିଲେ, ସଦର୍ ସାହେବ୍ ଉର୍ଦୁନ୍ ଲେଖିଛନ୍ତି ଯେ ସେ ୨୦୧୦ ମସିହାରେ ବୟତ କରିଥିଲେ । ନିଜ ଇଲାକାରେ ସେ ଏକାକୀ ଅହେମଦୀ ଥିଲେ । ସେଠିକାର ପ୍ରଥା ଅନୁସାରେ ସ୍ୱାମୀଙ୍କ ସହିତ ତାଙ୍କ ପତ୍ନୀ ମଧ୍ୟ ତାଙ୍କ ଧର୍ମରେ ଚାଲି ଆସିଥାନ୍ତି ତେଣୁ ତାଙ୍କ ପତ୍ନୀ ମଧ୍ୟ ଅହେମଦୀ ହୋଇଗଲେ । ସେ କୁହନ୍ତି ଯେ ମୃତକଙ୍କର ବିଶ୍ୱାସ ହଜରତ ମସିହ୍ ମଉଦ୍, ଅହେମଦୀୟତ୍ ଏବଂ ଖିଲାଫତ୍ ଉପରେ ପାହାଡ଼ ପରି ମଜଭୁତ ଥିଲା । ଅହେମଦୀ ଗ୍ରହଣ କରିବା ପରେ ତାଙ୍କ ବଂଶ ଓ କୁଟୁମ୍ବର ବିରୋଧ ହେବା ସତ୍ତ୍ୱେ ମଧ୍ୟ ସେ ଦୃଢ଼ତାର ସହିତ ଅହେମଦୀୟତ୍‌ରେ ରହିଲେ ତାଙ୍କୁ ଜ୍ଞାନ ଆହୋରଣ କରିବା ଓ ତବ୍‌ଲିଗ୍ କରିବାର ଭିଷଣ ଆଗ୍ରହ ଥିଲା । ବେଳେବେଳେ ରାତି ଅଧରେ ଫୋନ୍ କରି ବହୁତ କଥା ପଚାରୁଥିଲେ ଓ ଜାଣୁଥିଲେ । ଏହିପରି ତାଙ୍କ ପରିବାର ବର୍ଗଙ୍କ ସହିତ ଓ ବିରୋଧିମାନଙ୍କ ସହିତ ଅନେକ ସେଶନ୍ (ବୈଠକ) ଅନୁଷ୍ଠିତ ହୋଇଛି । ତାଙ୍କୁ ମଧୁମେହ ରୋଗ ଥିଲା । ସେହି ରୋଗ ତାଙ୍କର ପ୍ରାଣଘାତକ ହେଲା । ତାଙ୍କର କିଛି ବନ୍ଧୁ ବାନ୍ଧବ ଏହା କହୁଥିଲେ ଯେ ତୁମକୁ ଏହି ରୋଗ ଅହେମଦୀୟତ୍ ଯୋଗୁଁ ହୋଇଅଛି ଯଦି ତୁମେ ଅହେମଦୀୟତ୍‌କୁ ଛାଡ଼ିଦେବ ତା'ହେଲେ ଆମେ କୟାମତ୍ ଦିନ ତୁମ ସପକ୍ଷରେ ସାକ୍ଷ୍ୟ ଦେବୁ ଏଥିରେ ସେ ବହୁତ ଆବେଗଭରା ପ୍ରାର୍ଥନା କରି କହୁଥିଲେ ଯେ ହେ ଖୁଦା! ମତେ ଅହେମଦୀ ମୁସଲମାନ ଥିବା ଅବସ୍ଥାରେ ହିଁ ମୃତ୍ୟୁ ପ୍ରଦାନ କରିବ । ।

ତୃତୀୟ ଜନାଯାଃ ହେଉଛି ଶ୍ରୀମାନ ଦିନ୍ ମୁହମ୍ମଦ ଶାହିଦ୍ ସାହେବ ଅବସର ପ୍ରାପ୍ତ ମୁବଲିଗ୍ ସିଲସିଲା କାନେଡ଼ାଙ୍କର ବୟାନବେ (୯୨) ବର୍ଷ ବୟସରେ ତାଙ୍କର ବିଗତ ଦିନ ଦେହାନ୍ତ ହୋଇଛି । **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।** ତାଙ୍କ ବଂଶରେ ଅହେମଦୀୟତ ତାଙ୍କ ବାପାଙ୍କ ଜରିଆରେ ଆସିଥିଲା । ତାଙ୍କ ବାପାଙ୍କୁ ୧୯୩୮ ମସିହାରେ ଅହେମଦୀୟତ ଗ୍ରହଣ କରିବାର ସୌଭାଗ୍ୟ ମିଳିଥିଲା । ତାଙ୍କ ବାପା ତାଙ୍କୁ ୧୯୪୦ ମସିହାରେ ନିଜ ସହିତ ଜଲ୍‌ସା ସାଲାନା କାଦିଆନ୍ ନେଇଗଲେ । ଯେଉଁଠି ତାଙ୍କ ବାପା କାଦିଆନ୍‌ର ଧାର୍ମିକ ପରିବେଶ ଓ ଶିକ୍ଷା ପରିବେଶ ଦ୍ୱାରା ପ୍ରଭାବିତ ହୋଇ ଓ ପୁଅଙ୍କ ଶିକ୍ଷା ପ୍ରତି ଆଗ୍ରହ ଦେଖି କାଦିଆନ୍‌ରେ ହିଁ ପୁଅକୁ ଏଗାର ବର୍ଷ ବୟସରେ ହଜରତ ମୀର୍ ମୁହମ୍ମଦ୍ ଇସ୍‌ହାକ୍ ସାହେବ୍ ର:ଅଙ୍କ ତତ୍ତ୍ୱାବଧନାରେ ଛାଡ଼ିଦେଲେ । ସେଠାରେ ସେ ଶିକ୍ଷା ହାସଲ କଲେ । ୧୯୫୩ ମସିହାରେ ସେ ଜାମିଆରୁ ଶାହିଦ୍ ଡ଼ିଗ୍ରୀ ହାସଲ କଲେ । ପାକିସ୍ତାନ୍‌ରେ ବିଭିନ୍ନ ସହରରେ ମୁରବୀ

### ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

**ତାଲିବେ ଦୁଆ:** *Muhmmad Naimul Haque & Family, Jamat Ahmadiyya, Pankal (Odisha)*

ଭାବରେ କାମ କଲେ । ତିନି ଚାରିବର୍ଷ ଫିଜି ଦ୍ୱିପପୂଞ୍ଜରେ ମିଶ୍‌ନାରୀ ଇନ୍‌ଚାର୍ଜ ରୂପେ ସେବା କରିବାର ସୌଭାଗ୍ୟ ପାଇଛନ୍ତି । ରବ୍‌ୱାରେ ବହୁ ଦିନ ପର୍ଯ୍ୟନ୍ତ ପ୍ରେସ ସେକ୍ରେଟାରୀ ଭାବରେ ସେବା କରିବାର ସୌଭାଗ୍ୟ ମିଳିଛି । ସେ ଚାରୋଟି ପୁସ୍ତକ ରଚନା କରିବା ବ୍ୟତୀତ ଭିନ୍ନ ଭିନ୍ନ ଜ୍ଞାନଭିତିକ ବିଷୟ (ରଚନା) ଲେଖିଛନ୍ତି । ତାଙ୍କୁ ତବ୍‌ଲିଗ୍‌ର ବହୁତ ଆଗ୍ରହ ଥିଲା । ନୂଆ ନୂଆ କୌଶଳ ଆପଣାଉଥିଲେ । ଅଲ୍ଲାଃଙ୍କ କୃପାରୁ ସେ ମୁସି ଥିଲେ । ତାଙ୍କ ଅନ୍ତେ ତାଙ୍କ ପତ୍ନୀଙ୍କ ବ୍ୟତୀତ ଦୁଇଜଣ ପୁତ୍ର ଓ ତିନିଜଣ ପୁତ୍ରୀ ଅଛନ୍ତି ।

ଚତୁର୍ଥ ଜନାଯାଃ ଶ୍ରୀମାନ ମିଆଁ ରଫିକ୍ ଅହେମଦ ସାହେବ କର୍ମୀ ଜଲସା ସାଲାନାଙ୍କର ସତାଅଶୀ (୮୭) ବର୍ଷ ବୟସରେ ତାଙ୍କର ବିଗତ ଦିନ ମୃତ୍ୟୁ ହୋଇଛି **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।** ତାଙ୍କ ବାପାଙ୍କ ନାମ ମିଆଁ ବଶିର୍ ଅହେମଦ୍ ସାହେବ ମର୍‌ହୁମ୍ ଥିଲେ । ପାକିସ୍ତାନ ଗଠନ ହେବା ପୂର୍ବରୁ ସେ କାଦିଆନ୍‌ରୁ ହିଜ୍‌ରତ୍ କରି କୋଏଟା ଚାଲି ଆସିଥିଲେ । ସେଠାରେ ତାଙ୍କ ବାପାଙ୍କୁ କୋଏଟାର ଅମୀର୍ ଜମାତ୍ ରୂପେ ସେବା କରିବା ସୌଭାଗ୍ୟ ମିଳିଥିଲା । ମିଆଁ ରଫିକ୍ ସାହେବ୍‌ଙ୍କ ବଂଶରେ ଅହେମଦୀୟତ ତାଙ୍କ ଜେଜେବାପା ହଜରତ ଡ଼ାକ୍ତର ଅବ୍‌ଦୁଲ୍ଲାଃ ସାହେବ ହଜରତ ମସିହ୍ ମଉଦ୍ ଆ:ସଙ୍କ ସାହାବିଙ୍କ ଜରିଆରେ ଆସିଥିଲା । ୧୯୬୦ ମସିହାରେ ମିଆଁ ରଫିକ୍ ସାହେବ୍ ଇଂଜିନିୟରିଂ କଲେଜ ଲାହୋରରୁ ମେକାନିକାଲ୍ ଇଂଜିନିୟରିରେ ବି.ଏସ୍.ସି କରିଥିଲେ । ପୁଣି ବିଭିନ୍ନ ବିଭାଗରେ କାମ କରିଥିଲେ । ତା'ପରେ ପୁଣି ତାଞ୍ଜାନିଆ ଚାଲିଗଲେ । ଉଣା ଅଧିକେ ଦଶବର୍ଷ କାଳ ତାଞ୍ଜାନିୟାରେ ବିତାଇଛନ୍ତି । ପୁଣି କିଛି କାଳ ପର୍ଯ୍ୟନ୍ତ ସେଠାରେ କାମ ବ୍ୟତୀତ ବିଦ୍ୟାଦାନ ମଧ୍ୟ କରିଛନ୍ତ । ତାଞ୍ଜାନିୟାରେ ତାଙ୍କୁ ସେକ୍ରେଟାରୀ ମାଲ୍ ଭାବରେ କାମ କରିବାର ସୌଭାଗ୍ୟ ମିଳିଛି । ୧୯୮୬ ମସିହାରେ ସେ ୱକ୍‌ଫେ ଆର୍‌ଜି ଅଧିନରେ ଜଲ୍‌ସା ସାଲାନା କାର୍ଯ୍ୟାଳୟରେ ସେବା କାର୍ଯ୍ୟ କରିବା ଆରମ୍ଭ କଲେ ପୁଣି ୧୯୮୭ ମସିହାରେ ନିୟମିତ ଜଲ୍‌ସା ସାଲାନା କାର୍ଯ୍ୟାଳୟରେ ଜଣେ କର୍ମୀ ଭାବରେ କାମ କରିବା ଆରମ୍ଭ କରିଦେଲେ । ପୁଣି ୧୯୮୯ ମସିହାରେ ଜୀବନ ଉତ୍ସର୍ଗ କରି ଦଫ୍‌ତର୍ ଜଲ୍‌ସା ସାଲାନା ରବ୍‌ୱାର ଟେକ୍‌ନିକାଲ୍ ବିଭାଗରେ ନାଜିମ୍ ଟେକ୍‌ନିକଲ୍ ଭାବରେ ସେବା କାର୍ଯ୍ୟ ଆରମ୍ଭ କଲେ ଓ ଶେଷ ନଶ୍ୱାସ ନେବା ପର୍ଯ୍ୟନ୍ତ ଏହି ସେବାରେ ଥିଲେ । ହଜରତ ଖଲିଫତୁଲ୍ ମସିହ ସାଲିସ୍ (ତୃତୀୟ) ତାଙ୍କର ବନ୍ଧୁ କରିଥିଲେ । ମୌଲାନା ଅବୁଲ୍ ଆତା ସାହେବ୍ ତାଙ୍କ ନିକାହ୍ (ବିବାହ) ପଢ଼ାଇଥିଲେ । ତାଙ୍କୁ ଅଲ୍ଲାଃ ତାଲା ତିନିଜଣ ପୁତ୍ର ଓ ଜଣେ ପୁତ୍ରୀ ସନ୍ତାନ ପ୍ରଦାନ କରିଥିଲେ ।

ତାଙ୍କ ପୁତ୍ର କହୁଛନ୍ତି ଯଦି ସିଲ୍‌ସିଲା ସମ୍ବନ୍ଧରେ କେଉଁ ସ୍ଥାନରେ ଭୂଲ୍ କଥା କୁହାଯାଏ ତା'ହେଲେ ତତ୍‌କ୍ଷଣାତ୍ ତାହା ରୋକି ଦେଉଥିଲେ ଓ ମନା କରୁଥିଲେ । ଖିଲାଫତ୍ ସହିତ ତାଙ୍କୁ ବହୁତ ପ୍ରେମ ଥିଲା । ଥରେ ତାଙ୍କୁ ଜଣେ ବା ତାଙ୍କ ଘରର କୌଣସି ବ୍ୟକ୍ତି ଏକଥା କହିଲେ ଯେ ଯମାତ୍ ତରଫରୁ ତୁମକୁ ଯେଉଁ ଘର ମିଳିଛି ତାହା ବହୁତ ଛୋଟ । ଯଦି ଆପଣ କହିବେ ତା'ହେଲେ ବଡ଼ ଘର ମିଳିଯିବ । ସେ କହିଲେ ମତେ ଯଦି ଜମାତ୍ ଟେଂଟରେ ମଧ୍ୟ ରଖେ ତା'ହେଲେ ମୁଁ ରହିବାକୁ ପ୍ରସ୍ତୁତ । ମୁଁ କିଛିବି ମାଗିବି ନାହିଁ । ପୁଣି ତାଙ୍କ ପୁତ୍ର ଲେଖିଛନ୍ତି ଯେ ବାପାଙ୍କ ମୃତ୍ୟୁପରେ ତାଙ୍କର ଗୋଟିଏ ବିଶେଷଗୁଣ ଆମ ପାଇଁ ଉନ୍ମୋଚନ ହେଲା ଯେ ସେ କେତେକ ଗରୀବଙ୍କୁ ଗୁପ୍ତ ଭାବରେ ସାହାଯ୍ର କରୁଥିଲେ । ତାଙ୍କ ସାନ ପୁଅ କହୁଛନ୍ତି ଯେ ସେ ତହଜ୍ଜୁଦ୍ ପାଠକାରୀ ଥିଲେ । ପବିତ୍ର କୁର୍‌ଆନ୍‌କୁ ବହୁତ ଭଲ ପାଉଥବଲେ । ନମ୍ର, ପ୍ରେମଭରା ଶୈଳୀ, ଇମାନ୍‌ଦାର୍, ସତ୍ୟବାନ ଏବଂ ଅଗଣତି ଉତମ ଗୁଣର ଅଧିକାରୀ ଥିଲେ । ବାପାଙ୍କ ନିକଟରେ ଖିଲାଫତ୍ ପ୍ରତି ନିଷ୍ଠା ଓ ଭକ୍ତି ଅସାଧାରଣ ଭାବରେ ଭରି ରହିଥିଲା ।

ହଜୁର କହୁଛନ୍ତି:- ମୁଁ ମଧ୍ୟ ତାଙ୍କଠାରେ ଏହା ଦେଖିଛି ଯେ ସେ ଅତ୍ୟନ୍ତ ଭଦ୍ର ବ୍ୟକ୍ତି ଥିଲେ । ବହୁତ ବିନମ୍ରତାର ସହିତ କାମ କରୁଥିଲେ ଓ ନିଷ୍ଠାର ସହିତ ନିଜ ବୟତର ହକ୍ (ଦାୟିତ୍ୱ) କୁ ନିର୍ବାହ କରିଥିଲେ ।

ଏହିପରି ତାଙ୍କର ଏ ଚେଷ୍ଟା ରହୁଥିଲା ଯେ ଜମାତ୍‌ର ଟଙ୍କା ପଇସା କିପରି ବଂଚାଯାଉ ଓ କିପରି କମ୍‌ରୁ କମ୍ ଖର୍ଚ୍ଚ କରି ଅଧିକରୁ ଅଧିକ ଲାଭ ଉଠାଯାଉ । ସେ କେତେକ ରୁଟି ମିଶିନ୍ ମଧ୍ୟ ଡ଼ିଜାଇନ୍ କରିଥିଲେ ଓ ସେଥିଯୋଗୁଁ ରବ୍‌ୱାରେ ବହୁତ କାମ କରିଛନ୍ତି । ପୁଣି ସେ ଲେଖିଛନ୍ତି ଯେ କଷ୍ଟ ବା ଅସୁବିଧା ସମୟରେ ମୁଁ ସର୍ବଦା ତାଙ୍କ ନିକଟରେ ଧୈର୍ଯ୍ୟ ଓ ସାହାସ ପରିଲକ୍ଷିତ କରିଛି । ଅଧିକାଂଶ ସମୟ ଏପରି କଠିନ ଓ ଅସୁବିଧା ସମୟରେ ପବିତ୍ର କୁର୍‌ଆନ୍ ପାଠ କରିବାର ମୁଁ ତାଙ୍କୁ ଦେଖିଛି । ବେମାର ପଡ଼ିବା ସମୟରେ ତ ମୃତ୍ୟୁ ପୂର୍ବରୁ ମଧ୍ୟ ସେ କ୍ଷଣମାତ୍ର କଷ୍ଟ ଅନୁଭବ ହେଉଥିବାର ପ୍ରକାଶ କରିନଥିଲେ । ପ୍ରତ୍ୟେକ କାର୍ଯ୍ୟ ବହୁତ ନିଷ୍ଠା ଓ ଆଗ୍ରହର ସହିତ କରୁଥିଲେ । ପୂର୍ବରୁ ଏକଥା ଚର୍ଚ୍ଚା ସରିଛି । ।

ପରବର୍ତୀ ଜନାଯାଃ ଶ୍ରୀମତୀ କାନ୍ତା ଜଫର୍ ସାହେବାଃ ପତ୍ନୀ ଶ୍ରୀମାନ ଅହେସାନୁଲ୍ଲାଃ ଜଫର୍ ସାହେବ ପୂର୍ବତନ ଅମିର ଜମାଅତ ଆମେରିକାଙ୍କର ବିଗତ ଦିନ କାର୍ ଦୃଘଟଣାରେ ତାଙ୍କର ମୃତ୍ୟୁ ହୋଇଗଲା **ଇନ୍ନା ଲିଲ୍ଲାହେ ୱ ଇନ୍ନା ଇଲୈହେ ରାଜେଉନ୍ ।** ସେ ୧୯୪୧ ମସିହାରେ ଜନ୍ମ ହୋଇଥିଲେ । ତାଙ୍କ ବାପାଙ୍କ ନାମ ଆଜମ୍ ଅଲୀ ସାହେବ୍ ରିଟାଏଡ଼୍ ସେଶନ୍ ଜଜ୍ ଥିଲା । ତାଙ୍କ ଅଜାଙ୍କ ନାମ ଚୌଧୁରୀ ଫକିର୍ ମୁହମ୍ମଦ୍ ସାହେବ ଥିଲା ଯାହାଙ୍କୁ ପାର୍ଟିଶନ୍ (ଦେଶ ବିଭାଜନ) ହେବା ସଙ୍ଗେ ସଙ୍ଗେ ନାଜିର ଉମୁରେ ଆମା ଭାବରେ ସେବା କରିବାର ସୌଭାଗ୍ୟ ମିଳିଥିଲା । ମୋକରମା କାନ୍‌ତା ଜଫର୍ ସାହିବା ବହୁତ ସୁଗୁଣର ଅଧିକାରୀ ଥିଲେ ଓ ବହୁତ ହସମୁଖ ମହିଳା ଥିଲେ । ଖିଲାଫତ୍ ସହିତ ବହୁତ ନିଷ୍ଠାପୂର୍ଣ୍ଣ ସମ୍ପର୍କ ଥିଲା । ତାଙ୍କୁ ପବିତ୍ର କୁର୍‌ଆନ୍ ସହିତ ବହୁତ ପ୍ରେମ ଥିଲା । ଆଁ ହଜରତ ସ:ଆ:ସ ଏବଂ ହଜରତ ମସିହ ମଉଦ୍ ଆ:ସଙ୍କ ସହିତ ଅତ୍ୟନ୍ତ ଭକ୍ତି ଥିଲା । ନିଜ ପିଲାମାନଙ୍କଠାରେ ସେହି ଭକ୍ତିଭାବକୁ ସୃଷ୍ଟି କରିବାପାଇଁ ଚେଷ୍ଟା କରିଛନ୍ତି । ଅଲ୍ଲାଃଙ୍କ କୃପାରୁ ସେ ମୁସି ଥିଲେ । ତାଙ୍କର ଅନ୍ତେ ତାଙ୍କ ସ୍ୱାମୀଙ୍କ ବ୍ୟତୀତ ଦୁଇଜଣ ଝିଅ ବି ଅଛନ୍ତି । ତାଙ୍କର ଜଣେ ଯୁବକ ପୁତ୍ର ମଧ୍ୟ ଥିଲେ ଯିଏ ବହୁ ବର୍ଷ ପୂର୍ବେ ଗୋଟିଏ ଦୁର୍ଘଟଣାରେ ପ୍ରାଣ ହରାଇଥିଲେ । ସେହି ଦୁଃଖକୁ ସେ ବହୁତ ଧୈର୍ଯ୍ୟର ସହିତ ବରଦାସ୍ତ କରିଛନ୍ତି ।

ଇନାମୁଲ୍ ହକ୍ କୌସର୍ ସାହେବ ଅଷ୍ଟ୍ରେଲିୟାର ମୁରବୀ ସିଲ୍‌ସିଲା ଲେଖିଛନ୍ତି ଯେ ଯେବେ ସେ ଆମେରିକାରେ ଥିଲେ, ସେଠାରେ କୁର୍‌ଆନ୍ କ୍ଲାସ ଲାଗୁଥିଲା । ସେହି କ୍ଲାସ୍‌ରେ ସେ ନିୟମିତ ଭାବରେ ସାମିଲ ହେଉଥିଲେ ଓ ବହୁତ ଦୂରରୁ ଯାତ୍ରା କରି କ୍ଲାସ୍‌ରେ ଯୋଗ ଦେଉଥିଲେ । ସେ ପି.ଏଚ୍.ଡ଼ି ଡ଼ାକ୍ତର ଥିଲେ କିନ୍ତୁ ଅତ୍ୟନ୍ତ ସରଳ ସ୍ୱାଭବର ବ୍ୟକ୍ତି ଥିଲେ । ଦୁଃଖ, ଗରୀବ ଓ ଅଭାବୀ ଲୋକମାନଙ୍କର ବହୁତ ଯତ୍ନ ନେଉଥିଲେ । ମୁବଲ୍ଲିଗ୍‌ମାନଙ୍କ ସହିତ ଜଣେ ଦୟାବାନ୍ ମା'ଙ୍କ ପରି ବ୍ୟବହାର ଥିଲା । ଲଜ୍‌ନାମାନଙ୍କୁ ସବୁବେଳେ ଏକଥା କହୁଥିଲେ ଯେ ଯୋତା ରଖିବା ସ୍ଥାନରେ ହିଁ ଯୋତାଗୁଡ଼ିକୁ ରଖ । ଯଦି କିଏ ଏପରି ନକରୁଥିଲା ତା'ହେଲେ ନିଜେ ଯୋତାକୁ ଉଠାଇ ଯଥା ସ୍ଥାନରେ ରଖି ଦେଉଥିଲେ । ଏତଦ୍ ବ୍ୟତୀତ ମସ୍‌ଜିଦ୍‌ରେ ସଫେଇ କାର୍ଯ୍ୟ ନିଜେ ବହୁତ ଆଗ୍ରହର ସହିତ କରୁଥିଲେ । ତାଙ୍କଠାରେ ଗର୍ବ ଓ ଲୋକ ଦେଖାଣିଆ ପଣ ବିଲ୍‌କୁଲ୍ ନଥିଲା । ବହୁତ ସାଧା ବସ୍ତ୍ର ପିନ୍ଧୁ ଥିଲେ । କାହା ଉପରେ କୌଣସି ପ୍ରକାରର ଅସନ୍ତୁଷ୍ଟତା ନଥିଲା ପ୍ରତ୍ୟେକଙ୍କ ସହିତ ବହୁତ ସୁନ୍ଦର ବ୍ୟବହାର କରୁଥିଲେ । ଖିଲାଫତ୍ ତରଫରୁ ଯେ କୌଣସି ଆହ୍ୱାନ୍ ଆସୁଥିଲା ସେଥିରେ ଭରପୁର ଯୋଗଦାନ କରୁଥିଲେ । ।

ଏସମସ୍ତ ମୃତକଙ୍କ ନମାଜ ଜୁମା ପରେ ନମାଜ ଜନାଯାଃ ଗାଏବ ପଢାଇବାର ହଜୁର ଅନୱର ଅ:ବ:ଅ ଘୋଷଣା କଲେ ଏବଂ ପରମେଶ୍ୱର ସେମାନଙ୍କ ସହିତ କ୍ଷମା ଆଚରଣ କରିବା ତଥା ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ସକାଶେ ଦୁଆ କଲେ ।

⌘⌘⌘⌘⌘⌘⌘⌘⌘⌘

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family,*
*Jamat Ahmadiyya, Kerang (Odisha)*

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ଅନ୍‌ୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତ୍ତର ଏବଂ ହଜୁର୍ ଅନ୍‌ୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଳ କରିବା ଏବଂ ସେଗୁଡ଼ିକ ମାଧମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତରବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

*(ବଦର କାର୍ଯ୍ୟାଳୟ)*

**ହଜରତ ଆଇଶା ର:ଅଙ୍କ ବିବାହ ସମୟରେ, ତାଙ୍କର କେତେ ବୟସ ହୋଇଥିଲା, ସେ ସମ୍ବନ୍ଧରେ ଇତିହାସ, ଜୀବନଚରିତ ଏବଂ ତଫ୍‌ସୀର୍ ଓ ହଦିସ୍‌ର ପୁସ୍ତକ ଗୁଡ଼ିକରେ ବହୁତ ପାର୍ଥକ୍ୟ ଦେଖିବାକୁ ମିଳିଥାଏ ।**

**ହଜରତ ଆଇଶା ର:ଅଙ୍କର ରୁଖ୍‌ସତି (ବିଦାଇ) ବେଳେ, ତାଙ୍କର ବୟସ ୯ ବର୍ଷରୁ ୧୯ ବର୍ଷ ମଧ୍ୟରେ ଥିଲା ବୋଲି ଉଲ୍ଲେଖ ରହିଛି ।**

**ହଜରତ ଆଇଶା ର:ଅଙ୍କର ବିବାହ ସମୟରେ ୯ ବର୍ଷ ହୋଇଥିଲା ବୋଲି ଯେଉଁ ରିୱାୟତ୍ ମିଳୁଛି, ତାକୁ ହଜରତ ମସିହ୍ ମଉଦ୍ ଆ:ସ ସମ୍ପୂର୍ଣ୍ଣ ରୂପେ ରଦ୍ଦ କରିଦେଇଛନ୍ତି ।**

**ହଜରତ ମୁସ୍‌ଲେହ ମଉଦ୍ ର:ଅ ହଜରତ ଆଇଶା ର:ଅଙ୍କ ବିବାହ ସମୟରେ ଯେଉଁ ବୟସ ହୋଇଥିଲା, ସେ ବିଷୟରେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ବୟସ ତେର ଚଉଦ ବର୍ଷ ହୋଇଥିଲା । ଏହି ବୟସ ଠିକ୍ ଅଛି ।**

ନୋଟ୍:- ସୟଦନା ହଜରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଭିନ୍ନ ସମୟରେ ନିଜର ଚିଠି ଏବଂ ଏମ୍‌ଟିଏ ର ବିଭିନ୍ନ ପ୍ରୋଗ୍ରାମରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକ ଉପରେ ଯେଉଁ ସବୁ ମୂଲ୍ୟବାନ ବାଣୀମାନ ପ୍ରଦାନ କରିଛନ୍ତି, ପାଠକ/ପାଠିକାମାନେ ଲାଭ ଉଠାଇବା ପାଇଁ ସେଥିରୁ କିଛି ବିଷୟ ଅଲଫଜଲ୍ ଇଂଟରନ୍ୟାସନାଲ୍‌କୁ ଧନ୍ୟବାଦ ଅର୍ପଣ କରି ପ୍ରକାଶ କରାଯାଉଅଛି । (କାର୍ଯ୍ୟାଳୟ)

**ଭାଗ-୭**

ପ୍ରଶ୍ନ- ହଜରତ ଆଇଶା ର:ଅଙ୍କ ବୟସ ବିବାହ ସମୟରେ କେତେ ବର୍ଷ ହୋଇଥିଲା ? ଏହି ପ୍ରଶ୍ନର ଉତରରେ ହଜୁର ଅନଓ୍ୱର ଅ:ବ:ଅ କହିଲେ:

ଉତର:- ଆଁ ହଜରତ ସ:ଆ:ସଙ୍କ ସହିତ ହଜରତ ଆଇଶା ର:ଅଙ୍କ ବିବାହ ସମୟରେ ହଜରତ ଆଇଶା ର:ଅଙ୍କ ବୟସ ସମ୍ବନ୍ଧରେ ଇତିହାସ ଜୀବନଚରିତ, ତଫ୍‌ସୀର୍ ଏବଂ ହଦିସ୍ ପୁସ୍ତକ ଗୁଡ଼ିକରେ ବହୁତ ପାର୍ଥକ୍ୟ ଦେଖିବାକୁ ମିଳିଥାଏ । ଅତଏବ ହଜୁର ସ:ଆ:ସଙ୍କ ସହିତ ହଜରତ ଆଇଶା ର:ଅଙ୍କ ନିକାହ୍ ବେଳେ ତାଙ୍କର ବୟସ ଛଅ ବର୍ଷରୁ ନେଇ ୧୬ ବର୍ଷ ହୋଇଥିବାର ଏବଂ ରୁଖ୍‌ସତି (ଅର୍ଥାତ ବିଦାଇ) ସମୟରେ ହଜରତ ଆଇଶା ର:ଅଙ୍କ ବୟସ ନଅ ବର୍ଷରୁ ନେଇ ୧୯ ବର୍ଷ ମଧ୍ୟରେ ହୋଇଥିଲା ବୋଲି ଉଲ୍ଲେଖ ରହିଛି ।

ଯଦିଓ ସିହା ସିତ୍ତାର ରିୱାୟତ୍ ଗୁଡ଼ିକରେ, ଯେଉଁଥିରେ ସହି ବୁଖାରୀର ରିୱାୟତ୍ ମଧ୍ୟ ସାମିଲ ଅଛି, ଏହା ଉଲ୍ଲେଖ ରହିଛି ଯେ ନିକାହ୍ ବେଳେ ହଜରତ ଆଇଶା ର:ଅଙ୍କ ବୟସ ଛଅ ବର୍ଷ ହୋଇଥିଲା ଏବଂ ବିବାହ (ବିଦାଇ) ସମୟରେ ନଅ ବର୍ଷ ହୋଇଥିଲା । କିନ୍ତୁ ସେହି ରିୱାୟତ୍ ଗୁଡ଼ିକୁ ଯଦି ଦିରାୟତ୍ ଏବଂ ରିୱାୟତର ଅସଲ ନୀତି ଅନୁସାରେ ପରଖି ଦେଖାଯାଏ ତା'ହେଲେ ହଜରତ ଆଇଶା ର:ଅଙ୍କ ବୟସ ସମ୍ବନ୍ଧରେ ବର୍ଣ୍ଣନା କରାଯାଇଥିବା ଏପରି ହଦିସ୍ ଗୁଡ଼ିକ ପ୍ରାମାଣିକତାର ମାନଦଣ୍ଡ ତଳେ ରହିଥିବାର ଜଣାପଡୁଛି ।

ଏ ସନ୍ଦର୍ଭରେ ସିହା ସିତ୍ତାରେ ବର୍ଣ୍ଣିତ ୨୧ଟି ରିୱାୟତ୍ (କଥନ) ମଧ୍ୟରୁ ୧୪ଟି ରିୱାୟତ୍ ହୁଶାମ୍ ବିନ୍ ଉର୍‌ୱାଙ୍କଠାରୁ ବର୍ଣ୍ଣିତ ରହିଛି । ବାକି ରିୱାୟତ୍ ତକ ଅବୁ ଉବୈଦାଃ, ଅବୁ ସଲ୍‌ମା ଏବଂ ଅସ୍‌ୱଦ୍‌ଙ୍କଠାରୁ ବର୍ଣ୍ଣିତ ଅଛି । ବଡ଼ ଆଶ୍ଚର୍ଯ୍ୟର କଥା ହେଉଛି ଏହା କି ଇତିହାସ ଏବଂ ଜୀବନ ଚରିତମୂଳକ ପୁସ୍ତକଗୁଡ଼ିକରେ ଏହି ପ୍ରସିଦ୍ଧ ଓ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ କୌଣସି ବନ ସମ୍ମାନୀୟ ସାହାବିଙ୍କ ଦ୍ୱାରା ବର୍ଣ୍ଣନା କରାଯାଇନାହିଁ ।

ହଜରତ ଆଇଶା ର:ଅଙ୍କ ଅଳ୍ପ ବୟସରେ ବିବାହ କରିଥିବା ସମ୍ବନ୍ଧରେ ରିୱାୟତ୍ (ବର୍ଣ୍ଣନା) ପ୍ରଥମଥର ପାଇଁ ୧୮୫ ହିଜ୍‌ରୀରେ ସର୍ବସାଧାରଣଙ୍କ ସମ୍ମୁଖକୁ ଆସିଲା । ଯଦିଓ ଏହି ବିଷୟରେ ବର୍ଣ୍ଣନା କରାଯାଇଥିବା ଅଧିକାଂଶ ରିୱାୟତ୍‌ର ରାୱି (ବର୍ଣ୍ଣନାକାରୀ) ହୁଶାମ୍ ତଥା ଉର୍‌ୱାଙ୍କ ମୃତ୍ୟୁକୁ ବହୁତ ଦିନ ବିତି ଯାଇଥିଲା । ପୁଣି ହୁଶାମ୍ ବିନ୍ ଉର୍‌ୱା ଯାହାଙ୍କ ଜୀବନର ଅଧିକାଂଶ ସମୟ ମଦିନାରେ ବିତିଥିଲାଏବଂ ମଦିନାର ପ୍ରସିଦ୍ଧ ମୋହଦିସ୍ ଇମାମ୍ ମାଲିକ୍ ର:ଅ ସେହି (ହୁଶାମ୍ ବିନ୍ ଉର୍‌ୱା)ଙ୍କ ଜଣେ ଉତମ ଛାତ୍ର ଥିଲେ । ଏହା ସତ୍ତ୍ୱେ ମଧ୍ୟ ତାଙ୍କ ଦ୍ୱାରା ଲିଖିତ ପୁସ୍ତକ ମୋତା ଇମାମ୍ ମାଲିକ୍‌ରେ ଏହି ରିୱାୟତର କୌଣସି ଚର୍ଚ୍ଚା ହିଁ ନାହିଁ । ନିଜ ବୟସର ଶେଷ ସମୟରେ ହୁଶାମ୍ ବିନ୍ ଉର୍‌ୱା ଅନ୍ଧ ହୋଇଯାଇଥିଲେ, ତାଙ୍କର ସ୍ମୃତିଶକ୍ତି ଦୁର୍ବଳ ହୋଇଯାଇଥିଲା (ଜରହ୍ ଏବଂ ତାଦିଲ୍‌ର ପ୍ରବୀଣମାନଙ୍କ ଅନୁସାରେ) ତାଙ୍କୁ ଭୁଲିଯିବାର ରୋଗ ହୋଇଯାଇଥିଲା । ଯେତେବେଳେ ସେ କୁଫା ଚାଲିଗଲେ, ସେଠାରେ ସେ ପ୍ରଥମଥର ପାଇଁ ଏହି ରିୱାୟତ୍ ବର୍ଣ୍ଣନା କରିଥିଲେ ଏବଂ ଯେଉଁ ବ୍ୟକ୍ତିଙ୍କଠାରୁ ରିୱାୟତ୍ ବର୍ଣ୍ଣନା କରିଥିଲେ, ସେ ମଧ୍ୟ ତାଙ୍କ ମୃତ୍ୟୁପରେ ଉଣା ଅଧିକ ଚାଳିଶି ବର୍ଷ ଅପେକ୍ଷା କରିଥିଲେ । ପୁଣି ସେହି ରିୱାୟତ୍‌କୁ ବର୍ଣ୍ଣନା କରିଥିଲେ ଯଦ୍ୱାରା କୌଣସି ପ୍ରକାରର ସମର୍ଥନର ପ୍ରଶ୍ନ ହିଁ ନ ଉଠିପାରିବ ।

ଅତଏବ ମଦିନାରେ ରହି ହୁଶାମ୍‌ଙ୍କର ଏହି ରିୱାୟତ୍‌କୁ ବର୍ଣ୍ଣନା ନ କରିବା ଏବଂ ତାଙ୍କ ମୃତ୍ୟୁର ଅନେକ ବର୍ଷ ପରେ ଲେଖା ଯାଇଥିବା ପୁସ୍ତକଗୁଡ଼ିକରେ ଏହା ବର୍ଣ୍ଣନା ହେବା, ଏହି ରିୱାୟତ୍ ସମ୍ବନ୍ଧରେ ସନ୍ଦେହ ଓ ଶଙ୍କା ସୃଷ୍ଟି କରୁଅଛି । ସମ୍ଭବତଃ ଅହ୍‌ଲେ ବୟତ୍ ଏବଂ ବିଶେଷ ଭାବରେ ହଜରତ ଆଇଶା ସିଦ୍ଦିକାଙ୍କ କାର୍ଯ୍ୟକୁ ଇଙ୍ଗିତ କରିବା ପାଇଁ ଏହି ରିୱାୟତ୍‌କୁ ଗଢ଼ାଯାଇଥିବ । ଯଦ୍ୱାରା ଏହା ପ୍ରମାଣ କରାଯାଇପାରିବ ଯେ ସେହି ପବିତ୍ର ପତ୍ନୀ ଯାହାଙ୍କ ସମ୍ବନ୍ଧରେ ହଜୁର ସ:ଆ:ସଙ୍କର ଏ ଆଦେଶ ଥିଲା ଯେ ତାଙ୍କଠାରୁ ଧର୍ମ ଶିକ୍ଷା ଆହାରଣ କର । କିନ୍ତୁ ତାଙ୍କ ସହିତ ଅଳ୍ପ ବୟସରେ ହଜୁର ସ:ଆ:ସଙ୍କ ବିବାହ ହେବାରେ, ଯେବେ କି ସେ ତାଙ୍କ ସାଙ୍ଗସାଥି (ସହେଲୀ)ମାନଙ୍କ ସହିତ ଗୁଡ଼ିଆ ବୋହୁ ଖେଳୁଥିଲେ ଓ ଛୋଟ ପିଲା ଥିଲେ ଯେ ହଜୁର ସ:ଆ:ସଙ୍କର ମୃତ୍ୟୁ ହୋଇଗଲା । ଏପରି କମ୍ ବୟସର ଲୋକଠାରୁ କଣ ଧର୍ମଶିକ୍ଷା ଆହାରଣ ହୋଇପାରିବ ?

ପୁଣି ସହି ବୁଖାରୀ, ଯେଉଁଥିରେ ଏହି ରିୱାୟତ୍ ବର୍ଣ୍ଣନା କରାଯାଇଅଛି, ସେଥିରେ ମଧ୍ୟ ରିୱାୟତ୍‌ଗୁଡ଼ିକ ମଧ୍ୟରେ ବ୍ୟତିକ୍ରମ ମିଳୁଅଛି । ଅତଃ ଗୋଟିଏ ରିୱାୟତ୍‌ରେ ହଜରତ ଆଇଶା ର:ଅଙ୍କ ବର୍ଣ୍ଣନା ରହିଛି ଯେ ହଜରତ ଖଦିଜା ର:ଅଙ୍କ ମୃତ୍ୟୁର ତିନିବର୍ଷ ପରେ ହଜରତ ମୁହମ୍ମଦ ରସୁଲୁଲ୍ଲାଃ ସ:ଆ:ସ ମତେ ବିବାହ କରିଥିଲେ । ଯେବେକି ଆଉ ଏକ ରିୱାୟତ୍‌ରେ ବର୍ଣ୍ଣିତ ଅଛି ଯେ ହଜରତ ଖଦିଜା ର:ଅ ହଜୁର ସ:ଆ:ସଙ୍କ ମଦିନା ହିଜରତ କରିବା ତିନିବର୍ଷ ପୂର୍ବରୁ ମୃତ୍ୟୁବରଣ କରିଥିଲେ । ପୁଣି ହଜୁର ସ:ଆ:ସ ଉଣା ଅଧିକେ ଦୁଇବର୍ଷ ଅପେକ୍ଷା କରିବା ପରେ ହଜରତ ଆଇଶା ର:ଅଙ୍କୁ ବିବାହ କରିଥିଲେ ।

ଅତଏବ ହଦିସ୍‌ଗୁଡ଼ିକୁ ଏକତ୍ରୀତ କରିଥିବା ଲୋକମାନେ ବହୁତ ସତର୍କତା ଅବଲମ୍ବନ କରିବା ସତ୍ତ୍ୱେ ମଧ୍ୟ ସେଥିରେ ଭୂଲ୍ ରହିଯାଇଛି । କାରଣ ଏହି କାମ ହଜୁର ସ:ଆ:ସଙ୍କ ମୃତ୍ୟୁର ଉଣା ଅଧିକେ ଦେଢ଼ଶହ ତଥା ଦୁଇଶହ ବର୍ଷ ପରେ ଆରମ୍ଭ ହୋଇଥିଲା । ସେତେବେଳକ ମୁସଲମାନ ମାନଙ୍କର ଅନେକ ଫିର୍କା (ଗୋଷ୍ଠୀ) ସୃଷ୍ଟି ହୋଇସାରିଥିଲେ ଏବଂ ଅନେକ ମତଭେଦ ଓ ମତାନ୍ତର ସୃଷ୍ଟି ହୋଇଯାଇଥିଲା । ଅତଃ ଏ ଯୁଗର ନ୍ୟାୟ ଓ ନିଷ୍ପତିକାରୀ (ହକମ୍ ଓ୍ୱ ଅଦଲ୍) ହଜରତ ମସିହ୍ ମଉଦ୍ ଆ:ସ ଅନ୍ୟାନ୍ୟ ମାମଲାଗୁଡ଼ିକର ସୁଧାର କରିବା ସହିତ ଏହି ମାମଲାକୁ ବି ବହୁତ ସୁନ୍ଦର ଭାବରେ ସମାଧାନ କରିଛନ୍ତି । ହଜରତ ମସିହ୍ ମଉଦ୍ ଆ:ସ କହିଲେ:- ''ଯଦିଓ ଆମେ ବହୁତ ସମ୍ମାନର ସହିତ ଆହାଦିସ୍‌ଗୁଡ଼ିକୁ ଦେଖିଥାଉଁ କିନ୍ତୁ ଯେଉଁ ହଦିସ୍ ପବିତ୍ର କୁରଆନ୍‌ର ଖିଲାଫ୍ (ଅର୍ଥାତ ବିରୋଧି କରିଥାଏ) ଏବଂ ଆଁ ହଜରତ ସ:ଆ:ସଙ୍କ ସମ୍ମାନର ଖିଲାଫ ଥାଏ, ତାକୁ ଆମେ କେବେ ବି ମାନିପାରିବୁ ନାହିଁ । ସେ ସମୟରେ ଆହାଦିସ୍ ଗୁଡ଼ିକୁ ଏକାଠି କରିବାର ବେଳ ଥିଲା । ଯଦିଚ ସେମାନେ ଚିନ୍ତା ଓ ବିଚାର କରି ହଦିସ୍‌ଗୁଡ଼ିକୁ ଦରଜ କରିଥିଲେ କିନ୍ତୁ ସମ୍ପୂର୍ଣ୍ଣ ସତର୍କତା ଅବଲମ୍ବନ କରିପାରିନଥିଲେ । ତାହା ଏକତ୍ରୀତ କରିବାର ସମୟ ଥିଲା କିନ୍ତୁ ଏବେ ଦୃଷ୍ଟି ନିକ୍ଷେପ ଏବଂ ଚିନ୍ତା କରିବାର ସମୟ ।''

***(ମଲଫୁଜାତ ଖଣ୍ଡ-୯, ପୃ-୪୭୧, ୪୭୨ ଏଡ଼ିଶନ୍ ୧୯୮୪)***

ଯେତେବେଳେ ଆମେ ହଜରତ ଆଇଶା ର:ଅଙ୍କ ବୟସ ବିଷୟରେ ଅନ୍ୟ ଏକ ପାର୍ଶ୍ୱରୁ ଅନୁଶୀଳନ କରିଥାଉ, ସେତେବେଳେ ଇତିହାସ ଏବଂ ଜୀବନଚରିତ ପୁସ୍ତକଗୁଡ଼ିକରେ ଆମକୁ ଏକଥା ମଧ୍ୟ ଜଣାପଡ଼ିଥାଏ ଯେ ହଜରତ ଅବୁ ବକର୍ ସିଦ୍ଦିକ୍‌ଙ୍କ ଚାରିଜଣ ଯାକ ସନ୍ତାନ (ହଜରତ ଅବ୍‌ଦୁଲ୍ଲାଃ, ହଜରତ ଅସ୍‌ମାଆ, ହଜରତ ଅବ୍‌ଦୁର୍ ରହ୍‌ମାନ୍ ଏବଂ ହଜରତ ଆଇଶା) ହଜୁର ସ:ଆ:ସଙ୍କ ନବୀ ହେବା ପୂର୍ବରୁ ଜନ୍ମଗ୍ରହଣ କରିସାରିଥିଲେ ଏବଂ ଜୀବନଚରିତ ଲେଖାଳୀମାନଙ୍କ ଦ୍ୱାରା ଲିପିବଦ୍ଧ କରାଯାଇଥିବା ପ୍ରାରମ୍ଭିକ ମୁସଲମାନମାନଙ୍କ ସୂଚିରେ ହଜରତ ଆଇଶା ର:ଅଙ୍କ ନାମ ମଧ୍ୟ ଉଲ୍ଲେଖ ରହିଛି । ଯଦି ଆଇଶା ର:ଅଙ୍କ ଜନ୍ମ ନବୁଓ୍ୱତ୍‌ର ପଂଚମ ବର୍ଷ ହୋଇଥିଲା ତା'ହେଲେ ଆପଣଙ୍କ ନାମ ପ୍ରାରମ୍ଭିକ ମୁସଲମାନମାନଙ୍କ ନାମ ସୂଚିରେ କିପରି ସାମିଲ୍ ହୋଇଗଲା ?

ଐତିହାସିକମାନେ ଲେଖିଛନ୍ତି ଯେ ହଜରତ ଅସ୍‌ମାଆ ର:ଅ ହଜରତ ଆଇଶା ର:ଅଙ୍କଠାରୁ ଦଶ ବର୍ଷ ବଡ଼ ଥିଲେ ଏବଂ ହିଜ୍‌ରତ୍ କରିବା ସମୟରେ ହଜରତ ଅସ୍‌ମାଆ ର:ଅଙ୍କ ବୟସ ୨୭ ବର୍ଷ ହୋଇଥିଲା । ଏହା ଅନୁସାରେ ମଧ୍ୟ ହଜରତ ଆଇଶା ର:ଅଙ୍କ ଜନ୍ମ ବର୍ଷ ନବୁଓ୍ୱତ୍‌ର ଚାରିବର୍ଷ ପୂର୍ବରୁ ହୋଇଥିବାର ପ୍ରମାଣ ହେଉଛି । ସେତେବେଳକୁ ହଜରତ ଆଇଶା ର:ଅଙ୍କ ବୟସ ୧୪ ବର୍ଷ ହେଉଛି ।

ଦୁଇ ହିଜ୍‌ରୀରେ ଓ୍ୱହଦ୍ ଯୁଦ୍ଧ ଅନୁଷ୍ଠିତ ହୋଇଥିଲା । ଏ ସମ୍ବନ୍ଧରେ ସହି

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly BADAR Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.6 Thursday 10 Feb 2022 Issue No. 6

MANAGER
SHAIKH MUJAHID AHMAD
Mobile. : +91 99153 79255
e-mail :managerbadrqnd@gmail.com

ANNUAL SUBSCRIPTION:Rs.575/- (Per Issue:Rs.10/-) (WEIGHT - 20-50gms/issue)

ବୁଖାରୀରେ ବର୍ଣ୍ଣିତ ଅଛି ଯେ ହଜରତ ଆଇଶା ବିନ୍‌ତେ ଅବି ବକର୍ ର:ଅ ଏବଂ ହଜରତ ଉମ୍ମେ ସଲିମ ର:ଅ ନିଜ ନିଜର ପିଠିରେ ପାଣିଥଳି ଲଦି ବୋହି ଆଣୁଥିଲେ ଓ ଲୋକମାନଙ୍କୁ ପିଆଉଥିଲେ । ଯଦି ହଜରତ ଆଇଶା ର:ଅଙ୍କ ବୟସ ଏତେ ଛୋଟ ଥିଲା ଯେ ସେ ଜଣେ ଅଳ୍ପ ବୟସ୍କା ଝିଅ ଥିଲେ, ତା'ହେଲେ ସେ ନିଜ ପିଠି ଉପରେ ପାଣିଥଳି ଲଦି କିପରି ଧାଇଁ ଧାଇଁ ରଣକ୍ଷେତ୍ରରେ କ୍ଷତାକ୍ତ ଲୋକମାନଙ୍କୁ ପାଣି ପିଆଇବାର କାର୍ଯ୍ୟ କରୁଥିଲେ ? ତେଣୁ ଏଥିରୁ ମଧ୍ୟ ପ୍ରମାଣ ହେଉଅଛି ଯେ ଦୁଇ ହିଜ୍‌ରୀ ସମୟରେ ହଜରତ ଆଇଶା ର:ଅଙ୍କ ବୟସ ଏତେ ଥିଲା ଯେ, ସେ ରଣଭୂମିରେ ଏପରି ଭାରି ବସ୍ତୁକୁ ବୋହିବାର କାମ କରିପାରୁଥିଲେ ।

ଇତିହାସ ପୁସ୍ତକଗୁଡ଼ିକରେ ଏହି ସତ୍ୟତା ମଧ୍ୟ ଲିପିବଦ୍ଧ ରହିଛି ଯେ ହଜରତ ଆଇଶା ର:ଅଙ୍କର ବିବାହ ଆଁ ହଜରତ ସ:ଆ:ସଙ୍କ ସହିତ ହେବା ପୂର୍ବରୁ ଜୁବୈର୍ ବିନ୍ ମୁତ୍‌ଇମ୍‌ଙ୍କ ସହିତ ନିର୍ବନ୍ଧ ହୋଇଥିଲା । ସେ ସମୟରେ ହଜରତ ଆଇଶା ର:ଅଙ୍କର ନିର୍ବନ୍ଧ ହୋଇଥିବା ଏହା ଦର୍ଶାଉଛି ଯେ ତାଙ୍କ ବୟସ ଛଅ (୬) ବର୍ଷ ହୋଇନଥିଲା । ବିଶେଷ ରୂପେ ଏଥିପାଇଁ ମଧ୍ୟ ଯେ ଯେତେବେଳେ ଆଁ ହଜରତ ସ:ଆ:ସଙ୍କ ତରଫରୁ ହଜରତ ଅବୁ ବକର୍ ସଦ୍ଦିକ୍ ର:ଅଙ୍କୁ ହଜରତ ଆଇଶା ର:ଅଙ୍କ ପାଇଁ ବିବାହ ପ୍ରସ୍ତାବ ମିଳିଲା ସେତେବେଳେ ହଜରତ ଅବୁ ବକର୍ ର:ଅ ଜୁବୈର୍ ବିନ୍ ମୁତ୍‌ଇମ୍‌ଙ୍କ ସହିତ ହଜରତ ଆଇଶା ର:ଅଙ୍କୁ ରୁଖ୍‌ସତି (ବିଦାଇ) କରିବା ସମ୍ବନ୍ଧରେ ପଚାରିଲେ । ସେପଟରୁ ଅର୍ଥାତ ଜୁବୈର୍ ବିନ୍ ମୁତ୍‌ଇମ୍‌ଙ୍କ ପଟରୁ ଏବେ ରଖ୍‌ସତି ନ କରିବା ପାଇଁ ଖବର ପାଇବାରେ ସେହି ପ୍ରସ୍ତାବ ଭାଙ୍ଗିଗଲା । ପୁଣି ହଜୁର ସ:ଆ:ସଙ୍କ ସହିତ ହଜରତ ଆଇଶା ର:ଅଙ୍କର ନିକାହ୍ ଅନୁଷ୍ଠିତ ହେଲା । ହଜରତ ଅବୁ ବକର୍ ର:ଅଙ୍କର ଜୁବୈର୍ ବିନ୍ ମୁତ୍‌ଇମ୍‌ଙ୍କୁ ରୁଖ୍‌ସତି ନିମନ୍ତେ କହିବା ଏହା ପ୍ରମାଣ କରୁଅଛି ଯେ ହଜରତ ଆଇଶା ର:ଅଙ୍କ ବୟସ ସେତେବେଳେ କେବେ ବି ଛଅ ବର୍ଷ ନଥିଲା ବରଂ ଆଇଶା ର:ଅଙ୍କ ବୟସ ସେତେବେଳେ ବିବାହ ବୟସକୁ ପହଂଚିସାରିଥିଲା ।

ହଜରତ ମୁସ୍‌ଲେହ ମଉଦ ର:ଅ ନିଜର ଗବେଷଣାରୁ ହଜରତ ଆଇଶା ର:ଅଙ୍କ ବୟସ ସମ୍ପର୍କିତ ବର୍ଣ୍ଣିତ ରିଓ୍ୱାୟତ୍‌ଗୁଡ଼ିକୁ ବହୁତ ଧ୍ୟାନର ସହିତ ଅନୁଶିଳନ କରିବା ପରେ ଯେଉଁ ଫଳାଫଳ ବାହାର କରିଛନ୍ତି, ତା ମୁତାବକ ବିବାହ ସମୟରେ ହଜରତ ଆଇଶା ର:ଅଙ୍କ ବୟସ ତେର ଚଉଦ ବର୍ଷ ଥିଲା ବୋଲି ଅଭିହିତ କରିଛନ୍ତି ଏବଂ ଏହା ହିଁ ସଠିକ୍ ବୟସ । ଏହି ଦୃଷ୍ଟିକୋଣରୁ ଆଁ ହଜରତ ସ:ଆ:ସଙ୍କ ନିଧନ ହେବା ସମୟରେ ହଜରତ ଆଇଶା ର:ଅଙ୍କ ବୟସ ୨୧/୨୨ ବର୍ଷ ହୋଇଥିବାର ଜଣାପଡୁଛି । ଏହି ଏକୋଇଶି ବାଇଶି ବର୍ଷର ବୟସ ଧର୍ମ ଶିକ୍ଷା ଆହାରଣ କରିବା ପାଇଁ ପ୍ରାଯୁଜ୍ୟ ଓ ପ୍ରକୃଷ୍ଟ ସମୟ ଏବଂ ଲୋକମାନଙ୍କୁ ଶିକ୍ଷାଦାନ କରିବାର ଉତମ ଓ ସଠିକ୍ ବୟସ ହୋଇଥାଏ ।

ଏ ଯୁଗର ହକମ୍ ଓ୍ୱ ଅଦଲ୍ (ନ୍ୟାୟ ଓ ନିଷ୍ପତିକାରୀ) ସୟଦନା ହଜରତ ମସିହ୍ ମଉଦ୍ ଆ:ସ ହଜରତ ଆଇଶା ର:ଅଙ୍କ ବିବାହ ଆଁ ହଜରତ ସ:ଆ:ସଙ୍କ ସହିତ ହେବାବେଳେ ହଜରତ ଆଇଶା ର:ଅଙ୍କ ବୟସ ନଅ ବର୍ଷ ହୋଇଥିଲା ବୋଲି ଯେଉଁ ସବୁ କଥନଗୁଡ଼ିକ ରହିଛି, ସେ ସବୁର ସମ୍ପୂର୍ଣ୍ଣ ରୂପେ ଖଣ୍ଡନ ଓ ରଦ୍ଦ କରିଛନ୍ତି । ସୁତରାଂ ଜଣେ ପାଦ୍ରୀ ଫତହ୍ ମସିହ୍ ଯିଏ ଇସ୍‌ଲାମ୍ ପ୍ରତି ବିଦ୍ୱେଷଭାବ ରଖିଥିଲା, ତା' ଆପତି ଅଭିଯୋଗର ଉତର ଦେଇ ହଜରତ ମସିହ୍ ମଉଦ୍ ଆ:ସ କହିଛନ୍ତି:- ''ହଜରତ ଆଇଶା ର:ଅଙ୍କର ବିବାହ ସମୟରେ ନଅ ବର୍ଷ ହୋଇଥିଲା ବୋଲି ଆପଣ ଯେଉଁ ଆପତି କରିଛନ୍ତି, ପ୍ରଥମତଃ ନଅ ବର୍ଷର କଥା ଆଁ ହଜରତ ସ:ଆ:ସଙ୍କ ଶ୍ରୀମୁଖରୁ କେବେ ବି ବାହାରି ନାହିଁ କି ପ୍ରମାଣିତ ନୁହେଁ ଏବଂ ନା ଏ ସମ୍ବନ୍ଧରେ କୌଣସି ଓ୍ୱହି (ଐଶିବାଣୀ) ହୋଇଛି । ଏବଂ ନା କୌଣସି କଥନରୁ ଏହା ପ୍ରମାଣ ହୋଇଛି ଯେ ନିଶ୍ଚିତ ନଅ ବର୍ଷ ହିଁ ହୋଇଥିଲା । କେବଳ ଜଣେ ରାଓ୍ୱି (ବର୍ଣ୍ଣନାକାରୀ)ଙ୍କଠାରୁ ଏହା ଉଦ୍ଧୃତ'' । ***(ନୁରୁଲ୍ କୁର୍‌ଆନ୍ ନଂ-୨, ରୁହାନୀ ଖଜାଇନ୍ ଖଣ୍ଡ-୯, ପୃ-୩୭୭)***

ସେହିପରି ଆଉ ଏକ ସ୍ଥାନରେ ହଜରତ ମସିହ୍ ମଉଦ୍ ଆ:ସ ଉଲ୍ଲେଖ କରିଛନ୍ତି:- ''ହଜରତ ଆଇଶା ର:ଅଙ୍କର (ବିବାହ ସମୟରେ) ନଅ ବର୍ଷ ହୋଇଥିବା କଥା କେବଳ ହାତଗୋଡ଼ ନଥିବା ଅକ୍‌ଓ୍ୱାଲ୍ (ବର୍ଣ୍ଣନାଗୁଡ଼ିକ)ରୁ ଆସିଛି । କୌଣସି ହଦିସ୍ ତଥା ପବିତ୍ର କୁର୍‌ଆନ୍‌ରୁ ପ୍ରମାଣିତ ନୁହେଁ ।'' ***(ଆର୍ୟା ଧର୍ମ, ରୁହାନୀ ଖଜାଇନ୍ ଖଣ୍ଡ-୧୦, ପୃ-୬୪)***

ଅତଃ ସାରାଂଶ ହେଉଛି ଏହା କି ଏପରି ସମସ୍ତ ରିଓ୍ୱାୟତ୍ (କଥନ) ଯେଉଁଥିରେ ହଜରତ ଆଇଶା ର:ଅଙ୍କର ବୟସ ବିବାହ ସମୟରେ ନଅ ବର୍ଷ ହୋଇଥିଲା ବୋଲି ଉଲ୍ଲେଖ ରହିଛି, ତାହା ପ୍ରଣିଧାନ ଯୋଗ୍ୟ । ସେହି ରିଓ୍ୱାୟତ୍ ଗୁଡ଼ିକର ରାଓ୍ୱିମାନେ ଭୂଲ କରିଛନ୍ତି ବା ପରେ ଆସିଥିବା ରାଓ୍ୱିମାନେ ନିଜ ତରଫରୁ ଏ କଥାକୁ ଯୋଡ଼ି ଦେଇଛନ୍ତି । ଇତିହାସ ଓ ଜୀବନଚରିତ ମୂଳକ ପୁସ୍ତକ ଗୁଡ଼ିକ ଉପରେ ଅନୁଧ୍ୟାନ କରିଲେ, ସ୍ପଷ୍ଟ ଭାବରେ ପ୍ରମାଣ ହୋଇଯାଇଛଇ ଯେ ହଜରତ ଆଇଶା ର:ଅଙ୍କ ବିବାହ ସମୟରେ ତାଙ୍କ ବୟସ ବିବାହ ଉପଯୁକ୍ତ ବୟସ ଥିଲା । ଯେଉଁ ବୟସରେ କୁରୈଶ୍‌ର ଲୋକମାନେ ସାଧାରଣତଃ ନିଜ ଝିଅମାନଙ୍କର ବିବାହ କରିଥାନ୍ତି । ଏହି ବିବାହ ସେ ସମୟରେ ଆରବର ପରିବେଶରେ ନା ତ କୌଣସି ପ୍ରକାର ଆପତି ଅଭିଯୋଗ ଥିଲା ଯେ ମୁନାଫିକ୍ ଓ କୁଫାର୍ (ଅବିଶ୍ୱାସକାରୀ)ମାନେ ଆ ଉପରେ ଆପତି ଅଭିଯୋଗ କିମ୍ବା ଉପହାସ ତଥା ଆଶ୍ଚର୍ଯ୍ୟ ଚକିତ ହୋଇ ଆଙ୍ଗୁଳି ନିର୍ଦ୍ଦେଶ କରିଥାନ୍ତେ ।

ପ୍ରଶ୍ନ:- ସେହିଭଳି ଆଉ ଏକ ପ୍ରସଙ୍ଗ ରହିଛି ଯେ ''ଯଦି ଇମାମ୍ କୌଣସି ଅସୁବିଧା ଯୋଗୁଁ ବସି ନମାଜ ପଢ଼ାନ୍ତି, ତା'ହେଲେ ମୁକ୍‌ତଦି (ଅର୍ଥାତ- ଇମାମ୍‌ଙ୍କ ପଛରେ ଅନୁସରଣ କରୁଥିବା ଲୋକମାନ)ଙ୍କୁ କିପରି ନମାଜ ପଢ଼ିବା ଉଚିତ ?'' ଏ ପ୍ରସଙ୍ଗରେ ମଧ୍ୟ ହଜୁର ଅନଓ୍ୱର ଅ:ବ:ଅ ମାର୍ଗଦର୍ଶନ କରାଇ ଏହା କହିଲେ ଯେ:-

**ଉତର:-** ହଦିସ୍ ଗୁଡ଼ିକରେ ଏ ପ୍ରସଙ୍ଗରେ ବହୁତ ସ୍ପଷ୍ଟ ଭାବରେ ହଜୁର ସ:ଆ:ସଙ୍କ ଆଦର୍ଶ (କର୍ମପନ୍ଥା) ବିଷୟରେ ଉଲ୍ଲେଖ ରହିଛି । ଅତଃ ସହି ବୁଖାରୀରେ ହଜରତ ଆଇଶା ର:ଅ ଏବଂ ହଜରତ ଅନସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ଆଁ ହଜରତ ସ:ଆ:ସ ନିଜର ପ୍ରାରମ୍ଭିକ ସମୟରେ ଥରେ ଘୋଡ଼ାରୁ ପଡ଼ିଯାଇଥିଲେ ତେଣୁ ହଜୁର ସ:ଆ:ସ ବସି ନମାଜ ପଢ଼ାଇଥିଲେ ଓ ସାହାବାମାନେ ଆପଣ ସ:ଆ:ସଙ୍କ ପଛରେ ଛିଡ଼ା ହୋଇ ନମାଜ ପଢ଼ିବାକୁ ଲାଗିଲେ, ଏହ ଦେଖି ଆପଣ ସ:ଆ:ସ ସେମାନଙ୍କୁ ବସି ନମାଜ ପଢ଼ିବା ପାଇଁ ଇସାରା କଲେ । ଏବଂ ନମାଜ ପଢ଼ସାରିବା ପରେ ସାହାବାମାନଙ୍କୁ କହିଲେ ଯେ ଇମାମ୍ ଏଥିପାଇଁ ବନାଯାଇଥାଏ ଯେ ତାଙ୍କୁ ଅନୁସରଣ କରାଯିବ । ତେଣୁ ସେ (ଅର୍ଥାତ ଇମାମ୍) ଯେଉଁ ଭଳି ନମାଜ ପଢ଼ାଇବେ ସେହିଭଳି ତୁମେମାନେ ନମାଜ ପଢ଼ ।

କିନ୍ତୁ ହଜୁର ସ:ଆ:ସ ତାଙ୍କ ଶେଷ ସମୟରେ, ଯେତେବେଳେ ସେ ରୋଗରେ ପିଡ଼ୀତ ଥିଲେ ଓ ସେଥିରେ ତାହାଙ୍କର ମୃତ୍ୟୁ ମଧ୍ୟ ହେଲା, ସେତେବେଳେ ମହାଭାଗ ସ:ଆ:ସ ହଜରତ ଅବୁ ବକର୍ ର:ଙ୍କୁ ନମାଜ୍‌ରେ ଇମାମତ୍ (ଅର୍ଥାତ ନମାଜ ପଢ଼ାଇବା) କରିବା ପାଇଁ ଆଦେଶ ଦେଲେ ଏବଂ ପୁଣି ଯେବେ ହଜୁରଙ୍କ ସ୍ୱାସ୍ଥ୍ୟରେ କିଛିଟା ସୁଧାର ଆସିଲା, ସେତେବେଳେ ଆପଣ ସ:ଆ:ସ ନମାଜ ପଢ଼ିବା ପାଇଁ ଗଲେ ଓ ହଜରତ ଅବୁ ବକର ର:ଅଙ୍କ ବାମ ପଟେ ବସି ନମାଜ ପଢ଼ାଇଲେ ।

ହଜରତ ଆଇଶା ର:ଅ କହିଛନ୍ତି:- ସେହି ସମୟରେ ହଜରତ ଅବୁ ବକର ର:ଅ ସେହି ନମାଜରେ ହଜୁର ସ:ଆ:ସଙ୍କୁ ଅନୁସରଣ କରୁଥିଲେ ଓ ବାକି ଲୋକମାନେ ହଜରତ ଅବୁ ବକର ର:ଅଙ୍କୁ ଅନୁସରଣ କରୁଥିଲେ ।

ବାସ୍ତବ ପକ୍ଷେ ଲୋକମାନେ ମଧ୍ୟ ହଜୁର ସ:ଆ:ସଙ୍କୁ ହିଁ ଅନୁସରଣ କରୁଥିଲେ କିନ୍ତୁ ବେମାରି ଏବଂ ଦୃବଳତା ଯୋଗୁଁ ହଜୁର ଯେହେତୁ ବଡ଼ ପାଟିରେ ତକ୍‌ବିର୍ ଇତ୍ୟାଦି କହିପାରୁନଥିଲେ, ତେଣୁ ହଜରତ ଅବୁ ବକର ର:ଅ ମୁକବ୍‌ବିର (ଅର୍ଥାତ ଇମାମ୍‌ଙ୍କ ତକ୍‌ବିର୍‌କୁ ପୁନରାବୃତି କରି ଲୋକମାନଙ୍କ ନିକଟରେ ଆବାଜ୍ ପହଂଚାଇଥିବା ବ୍ୟକ୍ତି) ଭାବରେ ହଜୁର ସ:ଆ:ସଙ୍କ ଆବାଜ୍‌କୁ ଲୋକମାନଙ୍କ ନିକଟରେ ପହଂଚାଇ ଥିଲେ ।

ଏଠାରେ ଏକଥା ମଧ୍ୟ ବିଶେଷ ରୂପେ ପ୍ରଣିଧାନ ଯୋଗ୍ୟ ଯେ, ହଜୁର ସ:ଆ:ସଙ୍କ ହଜରତ ଅବୁ ବକର୍ ର:ଅଙ୍କ ବାମ ପଟେ ବସିବା ଏ କଥା ବତାଉଛି ଯେ, ହଜୁର ସ:ଆ:ସ ସେହି ନମାଜରେ ଇମାମ୍ ଥିଲେ । କାରଣ ଇମାମ୍ ବାମପଟେ ହିଁ ରହିଥାନ୍ତି ଏବଂ ମୁଖ୍‌ତଦି ଡ଼ାହାଣ ପଟେ ଛିଡ଼ା ହୁଅନ୍ତି । ଅତଏବ ଏ ସମ୍ବନ୍ଧରେ ମଧ୍ୟ ହଜୁର ସ:ଆ:ସଙ୍କ କାର୍ଯ୍ୟ ପଦ୍ଧତି ଆମକୁ ମିଳିଥାଏ ଯେ, ଗୋଟିଏ ଅବସରରେ ଯେତେବେଳେ ହଜୁର ସ:ଆ:ସ ତହ୍‌ଜୁଦ୍ ନମାଜ ପଢୁଥିଲେ

*ଅବଶିଷ୍ଟାଂଶ ପୃଷ୍ଠା-୦୨ ରେ ଦେଖନ୍ତୁ...*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

ତାଲିବେ ଦୁଆ: *Idrish Khan, Jamat Ahmadiyya, Kerang (Odisha)*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan